*

## ଓଡିଶା ଉନ୍ନୟନ ପ୍ରାଧିକରଣ (ସଂଶୋଧନ) ବିଧେୟକ, 2015

**THE ODISHA DEVELOPMENT AUTHORITIES (AMENDMENT) BILL,2015**

**ଓଡିଶା ଉନ୍ନୟନ ପ୍ରାଧିକରଣ ଅଧିନିୟମ-1982 କୁ ଅଧିକତର ସଂଶୋଧନ କରିବା ସକାଶେ ଏକ ବିଧେୟକ ।**

ଭାରତ ଗଣରାଜ୍ୟର ଛଅଷଠିତମ ବର୍ଷରେ ଓଡିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ଏହା ନିମ୍ନମତେ ଅଧିନିୟମିତ ହେଉ:-

ସଂକ୍ଷିପ୍ତ ନାମ ଓ ପ୍ରାରମ୍ଭ ।

1. (1) ଏହି ଅଧିନିୟମଟି, ଓଡିଶା ଉନ୍ନୟନ ପ୍ରାଧିକରଣ (ସଂଶୋଧନ) ଅଧିନିୟମ, 2015 ନାମରେ ଅଭିହିତ ହେବ ।

(2) ରାଜ୍ୟ ସରକାର, ଅଧିସୂଚନା ଦ୍ୱାରା ଯେଉଁ ତାରିଖ ସ୍ଥିର କରିବେ, ଏହା ସେହି ତାରିଖ ଠାରୁ ବଳବତ୍ତର ହେବ ।

ଧାରା 2ର ସଂଶୋଧନ ।

2. ଓଡିଶା ଉନ୍ନୟନ ପ୍ରାଧିକରଣ ଅଧିନିୟମ 1982 (ଏହାପରେ ମୂଳ ଅଧିନିୟମ ଭାବେ ସୂଚୀତ)ର ଧାରା 2 ରେ;- (1982ର ଓଡିଶା ଅଧିନିୟମ 14)

(କ) ଖଣ୍ଡ (ix) ପରେ ନିମ୍ନଲିଖିତ ଖଣ୍ଡଟି ଅନ୍ତଃସ୍ଥାପିତ ହେବ :-

"(ix-କ) "ଉନ୍ନୟନକାରୀ ସଂସ୍ଥା" ଅର୍ଥ କୌଣସି ବ୍ୟକ୍ତିବିଶେଷ ବା ବ୍ୟକ୍ତି ମାନଙ୍କର ଏକ ନିକାୟ ଏବଂ ନିଗମିତ ହୋଇଥାଉ ବା ହୋଇନଥାଉ କୌଣସି କଂପାନି ବା ସଂଘ, କୌଣସି ସମବାୟ ସମିତି ବା କୌଣସି ନିଗମ ନିକାୟ ବା ଏହି ଅଧିନିୟମ ଅନୁଯାୟୀ ଯଥାବିଧି ଅନୁମୋଦିତ କୌଣସି ଯୋଜନା ବା ଉନ୍ନୟନ ପରିକଳ୍ପନା ଆଧାରରେ ଉନ୍ନୟନ କାର୍ଯ୍ୟ କରିବା ଲାଗି ଲାଇସେନ୍ସ ପ୍ରାପ୍ତ କୌଣସି ଜାତୀୟ ବା ଆନ୍ତର୍ଜାତୀୟ ଏଜେନ୍ସି ଏହାର ଅନ୍ତର୍ଗତ ; " ।

(ଖ) ଖଣ୍ଡ(xv) ରେ ଥିବା "କୌଣସି ସହର ଯୋଜନା ପରିକଳ୍ପନାରେ" ଶବ୍ଦ ଗୁଡିକ ପରେ "ବା ଉନ୍ନୟନ ଯୋଜନା ବା ଭୂମିର ଅନୁମୋଦିତ ଲେଆଉଟ ଅନୁଯାୟୀ" ଶବ୍ଦ ଗୁଡିକ ଯୋଗ କରାଯିବ;

(ଗ) ଖଣ୍ଡ(xix) ପରେ ନିମ୍ନଲିଖିତ ଖଣ୍ଡଗୁଡିକ ଅନ୍ତଃସ୍ଥାପିତ ହେବ:-

"(xix-କ) "ଭୂମି ଏକତ୍ରୀକରଣ ପରିକଳ୍ପନା" ଅର୍ଥ ବିଭିନ୍ନ ମାଲିକାନାରେ ଥିବା ଛୋଟ ଛୋଟ ଭୂମିକୁ ସ୍ୱେଚ୍ଛାକୃତଭାବରେ ଏକତ୍ର କରାଯାଇ ତାହାକୁ ଏକ ବୃହତ ଭୂ-ଖଣ୍ଡରେ ପରିଣତ କରିବା ଏବଂ ଯୋଜନାବଦ୍ଧ ରୀତିରେ ଭିତ୍ତିଭୂମି ବ୍ୟବସ୍ଥା ସହିତ ସେପରି ପୁନର୍ଗଠିତ ଭୂମିର ଏକ ଅଂଶ, ସଂପୃକ୍ତ ମାଲିକମାନଙ୍କୁ ଫେରାଇଦେବା ଲାଗି ଉଦ୍ଦିଷ୍ଟ ଏକ ପରିକଳ୍ପନା;

(xix-ଖ) "ସ୍ଥାନୀୟ ପ୍ରାଧିକାରୀ"ରେ ଅନ୍ତର୍ଭୁକ୍ତ ହେବ-ସୁସଙ୍ଗତ ଅଧିନିୟମର ବ୍ୟବସ୍ଥାମାନ ଅନୁଯାୟୀ ନିଜନିଜ ଅଧିକାରିତା ମଧ୍ୟରେ ଥିବା କ୍ଷେତ୍ର ଗୁଡିକର ନିୟନ୍ତ୍ରଣ ଓ ଉନ୍ନୟନ କାର୍ଯ୍ୟ ପରିଚାଳନା ପାଇଁ ଗଠିତ ଏକ ପୌର ସ୍ଥାନୀୟ ନିକାୟ, ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ବା ଗ୍ରାମ ପଞ୍ଚାୟତ;" ।

(ଘ) ଖଣ୍ଡ (xxxvii) ପରେ ନିମ୍ନଲିଖିତ ଖଣ୍ଡଟି ଅନ୍ତଃସ୍ଥାପିତ ହେବ:-

" (xxxvii-କ) "ସ୍ୱତନ୍ତ୍ର ଲକ୍ଷ୍ୟ ସାଧନ ସଂସ୍ଥା" ଅର୍ଥ କୌଣସି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଏକ କଂପାନି, ନ୍ୟାସ ବା ଅନ୍ୟ ସଂସ୍ଥା ରୂପେ ଗଠିତ ଏକ ନିକାୟ, ଯେଉଁଥିରେ କି ଯଥାସ୍ଥିତି, ସଂପୃକ୍ତ କଂପାନି, ନ୍ୟାସ ବା ଅନ୍ୟ ସଂସ୍ଥାର ସୀମିତ ଉଦ୍ଦେଶ୍ୟ ସାଧନ ଲାଗି ଉଦ୍ଦିଷ୍ଟ କାର୍ଯ୍ୟକଳାପ ଗୁଡିକ ଅନ୍ତର୍ଭୁକ୍ତ;"

(ଡ) ଖଣ୍ଡ (xxxviii) ପରେ ନିମ୍ନଲିଖିତ ଖଣ୍ଡଟି ଅନ୍ତଃସ୍ଥାପିତ ହେବ, ଯଥା:-

"(xxxviii-କ) "ଅନ୍ତରଣ ଯୋଗ୍ୟ ଉନ୍ନୟନ ଅଧିକାର" ଅର୍ଥ ଏକ ସର୍ବସାଧାରଣ ଉଦ୍ଦେଶ୍ୟରେ ଚିହ୍ନିତ ଏକ ସମ୍ଭାବ୍ୟ ପ୍ଲଟ୍‌ର ଅନ୍ତରଣ ସକାଶେ ଉନ୍ନୟନ ଅଧିକାର, ଯାହାକି ସେହି ପ୍ଲଟ୍ ପାଇଁ ଅନୁମତି ଯୋଗ୍ୟ ମେଜିଆ କ୍ଷେତ୍ର ଅନୁପାତ ଭିତ୍ତିରେ ଗଣନା କରି ମୋଟ ଅନୁମତି ଯୋଗ୍ୟ ଚଟାଣ କ୍ଷେତ୍ର ଦ୍ୱାରା ପ୍ରକାଶ ହୋଇଥିବ, ଯାହାର ଉପଯୋଗ ବିଦ୍ୟମାନ ଅବସ୍ଥିତିରୁ ଉନ୍ନୟନ ଯୋଜନା ଅନ୍ତର୍ଗତ ଏକ ବିନିର୍ଦ୍ଦିଷ୍ଟ କ୍ଷେତ୍ର ମଧ୍ୟରେ ମାଲିକ ନିଜେ ବା ତାଙ୍କ ଦ୍ୱାରା ଅନ୍ତରିତ ଅନ୍ୟ କୌଣସି ବ୍ୟକ୍ତି ଅନୁମତିଯୋଗ୍ୟ ସୀମା ବାହାରେ ଅତିରିକ୍ତ ଚଟାଣ କ୍ଷେତ୍ର ଭାବେ ସମସ୍ତ ଦାୟରୁ ମୁକ୍ତ କରି ପ୍ରାଧିକାରୀଙ୍କୁ ସଂପୃକ୍ତ ପ୍ଲଟ୍ ସମର୍ପଣ କରିଥିବା ଯୋଗୁଁ କ୍ଷତିପୂରଣ ବଦଳରେ ବ୍ୟବହାର କରିପାରିବେ;" ।

(ଟ) ଖଣ୍ଡ (XLI) ବଦଳେ ନିମ୍ନଲିଖିତ ଖଣ୍ଡଟି ପ୍ରତିସ୍ଥାପିତ ହେବ, ଯଥା:-

(XLi) "ପୌର ସ୍ଥାନୀୟ ନିକାୟ" ଅର୍ଥ ଭାରତର ସଂବିଧାନର ଅନୁଚ୍ଛେଦ 243ଡ ର ଖଣ୍ଡ (ଡ) ରେ ସଂଜ୍ଞା କରାଯାଇଥିବା ମତେ ପୌରକାଳିକା; ।

ଧାରା 3ର ସଂଶୋଧନ ।

3. ମୂଳ ଅଧିନିୟମର ଧାରା 3ର,-

(କ) ଉପଧାରା (3) ପରେ ନିମ୍ନଲିଖିତ ପରନ୍ତୁକଟି ଅନ୍ତଃସ୍ଥାପିତ ହେବ; ଯଥା:-

"ପରନ୍ତୁ ରାଜ୍ୟସରକାର, ଅଧିସୂଚନା ଦ୍ୱାରା, ତଥା ତଦୁପଲକ୍ଷ୍ୟେ ଯେପରି ପ୍ରଣୟନ କରାଯାଇପାରେ ସେପରି ନିୟମାବଳୀ ଅନୁସାରେ ଦୁଇ ବା ତତୋଧିକ ଉନ୍ନୟନ ପ୍ରାଧିକରଣ ଅଧୀନରେ ଥିବା ଉନ୍ନୟନ କ୍ଷେତ୍ରମଧ୍ୟରୁ ଯେ କୌଣସି କ୍ଷେତ୍ରକୁ ବାଦ୍ ଦେଇପାରିବେ ଏବଂ ସେପରି ବାଦ ଦିଆଯାଇଥିବା କ୍ଷେତ୍ର ବା କ୍ଷେତ୍ରଗୁଡିକୁ ଏହି ଅଧିନିୟମ ଉଦ୍ଦେଶ୍ୟରେ ଏକ ଉନ୍ନୟନ କ୍ଷେତ୍ର ଭାବେ ଘୋଷଣା କରିପାରିବେ ଏବଂ ସେହି କ୍ଷେତ୍ରକୁ ଏକ ନୂତନ ନାମରେ ନାମିତ କରିପାରିବେ ଓ ତହିଁରେ ଯେପରି ବିନିର୍ଦ୍ଦିଷ୍ଟ

କରାଯାଇପାରେ ସେହି ତାରିଖଠାରୁ ଉକ୍ତ ଉନ୍ନୟନ କ୍ଷେତ୍ରଲାଗି ଏକ ଉନ୍ନୟନ ପ୍ରାଧିକାରୀ ଗଠନ କରିପାରିବେ;" ଏବଂ

**(ଖ)** ଉପଧାରା (3) ପରେ ନିମ୍ନଲିଖିତ ଉପଧାରାଗୁଡିକ ଅନ୍ତଃସ୍ଥାପିତ ହେବ; ଯଥା :-

"(3-କ) ଏହି ଅଧିନିୟମରେ ଯାହାକିଛି ଥିବା ସତ୍ତ୍ୱେ, ରାଜ୍ୟ ସରକାରଙ୍କର ଯେବେ हृदବୋଧ ହୁଏ ଯେ, ଯଦି ଦୁଇ ବା ତତୋଧିକ ଉନ୍ନୟନ ପ୍ରାଧିକରଣ କୁ ଏକାଠି ମିଶାଇ ଗୋଟିଏ ପ୍ରାଧିକାରୀ ଗଠନ କରାଗଲେ ଉନ୍ନୟନ କ୍ଷେତ୍ରର ଉନ୍ନୟନ ସୁନିଶ୍ଚିତ ହୋଇପାରିବ, ତେବେ, ରାଜ୍ୟସରକାର, ସଂପୃକ୍ତ ପ୍ରାଧିକରଣ ସହିତ ପରାମର୍ଶକରି ଏବଂ ଯେପରି ବିନିର୍ଦ୍ଦିଷ୍ଟ ହୋଇପାରେ, ସେପରି ନିର୍ବନ୍ଧନ ଓ ସର୍ତ୍ତାବଳୀରେ ଅଧିସୂଚନା ଦ୍ୱାରା, ସେପରି ସମ୍ମିଶ୍ରଣ ପାଇଁ ନିର୍ଦ୍ଦେଶ ଦେଇପାରିବେ ଏବଂ ସେହି ଅଧିସୂଚନା ଜାରି ହେବା ତାରିଖଠାରୁ ଗୋଟିଏ ପ୍ରାଧିକାରୀ ଗଠନ କରିପାରିବେ ।

(3-ଖ) ସେପରି ଅଧିସୂଚନା ଜାରି ହେବା ତାରିଖଠାରୁ,-

(କ) ବିଦ୍ୟମାନ ପ୍ରାଧିକାରୀଠାରେ ଯେଉଁ ସମସ୍ତ ସଂପତ୍ତି, ପାଣ୍ଠି ଓ ଦେୟ ନିହିତ ଥିବ ବା ତାହା ଦ୍ୱାରା ଅସୁଲଯୋଗ୍ୟଥିବ, ସେଗୁଡିକ, ସେପରି ସମ୍ମିଶ୍ରଣ ପରେ ସେଭାବେ ଗଠିତ ନୂତନ ପ୍ରାଧିକାରୀଙ୍କ ଠାରେ ନ୍ୟସ୍ତ ହେବ ଓ ତାହା ଦ୍ୱାରା ଅସୁଲଯୋଗ୍ୟ ହେବ ।

(ଖ) ସମ୍ମିଶ୍ରଣ ହୋଇଥିବା ପ୍ରାଧିକାରୀ ଗୁଡିକ ବିରୁଦ୍ଧରେ ଯେଉଁସବୁ ଦାୟିତ୍ୱମାନ ପ୍ରବର୍ତ୍ତନ ହେବାକୁ ଥିବ, ସେଗୁଡିକ ସେପରି ସମ୍ମିଶ୍ରଣ ପରେ ସେପରି ଗଠିତ ପ୍ରାଧିକାରୀଙ୍କ ବିରୁଦ୍ଧରେ ପ୍ରବର୍ତ୍ତନୀୟ ହେବ ।

(ଗ) ସମ୍ମିଶ୍ରିତ ପ୍ରାଧିକାରୀ ଗୁଡିକ ଦ୍ୱାରା ଯେଉଁ ସବୁ ଉନ୍ନୟନ କାର୍ଯ୍ୟ କାର୍ଯ୍ୟକାରୀ କରାଯାଇ ନଥିବ ସେଗୁଡିକ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ, ତଥା ଖଣ୍ଡ(କ) ରେ ଉଲ୍ଲିଖିତ ସଂପତ୍ତି, ପାଣ୍ଠି ଓ ଦେୟ ଆଦାୟ କରିବା ଉଦ୍ଦେଶ୍ୟରେ ସମ୍ମିଶ୍ରିତ ପ୍ରାଧିକାରୀ ଗୁଡିକର କୃତ୍ୟ, ସେପରି ସମ୍ମିଶ୍ରଣ ପରେ ଗଠିତ ପ୍ରାଧିକାରୀ ଦ୍ୱାରା ସଂପାଦନ କରାଯିବ;"

ଏବଂ

(ଗ) ଉପଧାରା (୨)ର,-

(i) ଖଣ୍ଡ (ଚ) ରେ ଥିବା "ଜଣେ ସହରାଞ୍ଚଳ ଡିଜାଇନର ବା ସ୍ଥପତି ସଦସ୍ୟ" ଶବ୍ଦଗୁଡିକ ବଦଳରେ "ଜଣେ ପରିବେଶବିଦ୍ ସଦସ୍ୟ" ଶବ୍ଦଗୁଡିକ ପ୍ରତିସ୍ଥାପିତ ହେବ, ଏବଂ

(ii) ଖଣ୍ଡ (ଜ) ବଦଳରେ ନିମ୍ନଲିଖିତ ଖଣ୍ଡ ପ୍ରତିସ୍ଥାପିତ ହେବ ଯଥା:-

"(ଜ) ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହେବା ମତେ ଉନ୍ନୟନ କ୍ଷେତ୍ର ମଧ୍ୟରେ ଥିବା ସର୍ବାଧିକ ତିନିଗୋଟି ସ୍ଥାନୀୟ ପୌର ନିକାୟର ଚେୟାର ପରସନ, ଯେଉଁମାନେ କି ପଦପ୍ରଯୁକ୍ତ ସଦସ୍ୟ ହେବେ;" ଏବଂ

(ଘ) ଉପଧାରା (୨) ପରେ ନିମ୍ନଲିଖିତ ପରନ୍ତୁକଟି ଅନ୍ତଃସ୍ଥାପିତ ହେବ ଯଥା:-

"ପରନ୍ତୁ ରାଜ୍ୟ ସରକାର ଯେପରି ଉଚିତ ମନେ କରିବେ ଯେ କୌଣସି ପ୍ରାଧିକାରୀ ପାଇଁ ଉପରେ ଦର୍ଶାଯାଇଥିବା ସଦସ୍ୟମାନଙ୍କ ଭିନ୍ନ ସେପରି ଅନ୍ୟ ଦୁଇଜଣ ସଦସ୍ୟ ନିଯୁକ୍ତ କରିପାରିବେ ଏବଂ ସେହି ସଦସ୍ୟମାନେ ଯଦି କୌଣସି ପ୍ରାଧିକାରୀରେ ନିଯୁକ୍ତ ହୁଅନ୍ତି ତେବେ, ଖଣ୍ଡ (ଗ) ଠାରୁ (ଚ) ପର୍ଯ୍ୟନ୍ତ ନିଯୁକ୍ତ ସଦସ୍ୟମାନଙ୍କ ପ୍ରତି ଯେଉଁ ନିର୍ବନ୍ଧନ ଓ ସର୍ତ୍ତାବଳୀ ଲାଗୁ ହେଉଛି ସେମାନଙ୍କ ପ୍ରତି ତାହା ଲାଗୁ ହେବ ।"।

ନୂତନ ଧାରା 3-କ ର ଅନ୍ତଃସ୍ଥାପନ ।

4. ମୂଳ ଅଧିନିୟମର ଧାରା-3 ପରେ ନିମ୍ନଲିଖିତ ଧାରାଟି ଅନ୍ତଃସ୍ଥାପିତ ହେବ, ଯଥା:-

"ସ୍ୱତନ୍ତ୍ର ଯୋଜନା କ୍ଷେତ୍ର ର ଘୋଷଣା ଏବଂ ସ୍ୱତନ୍ତ୍ର ଯୋଜନା ପ୍ରାଧିକାରୀର ଚିହ୍ନଟ ।

3କ(1) ଯେ କୌଣସି ପ୍ରାଧିକାରୀ, ଅଧିସୂଚନା ଦ୍ୱାରା, ତାହାଙ୍କ ଅଧିକାରିତା ମଧ୍ୟରେ ଥିବା ଉନ୍ନୟନ କ୍ଷେତ୍ରର କୌଣସି ଅଂଶକୁ ଏକ ସ୍ୱତନ୍ତ୍ର ଯୋଜନା କ୍ଷେତ୍ର ରୂପେ ଘୋଷଣା କରିପାରିବେ ।

(2) ଉପଧାରା(1) ଅନୁଯାୟୀ ସ୍ୱତନ୍ତ୍ର ଯୋଜନା କ୍ଷେତ୍ର ଘୋଷଣା ହେବା ପରେ ଯଥା ସମ୍ଭବ ଶୀଘ୍ର, ପ୍ରାଧିକାରୀ, ଅଧିସୂଚନା ଦ୍ୱାରା, ଏକ ସ୍ଥାନୀୟ ପ୍ରାଧିକାରୀ ବା ଯେକୌଣସି ରାଜ୍ୟ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଗଠିତ ବା ନିଗମିତ ଅନ୍ୟ କୌଣସି ପ୍ରାଧିକାରୀଙ୍କୁ ସେପରି

ସ୍ୱତନ୍ତ୍ର ଯୋଜନା କ୍ଷେତ୍ର ଲାଗି ସ୍ୱତନ୍ତ୍ର ଯୋଜନା ପ୍ରାଧିକାରୀ ରୂପେ ଚିହ୍ନଟ କରିପାରିବେ ।

(3) ବିନିୟମ ପ୍ରଣୟନ କରିବା କ୍ଷମତା ବ୍ୟତୀତ ଏହି ଅଧିନିୟମ ଅନୁଯାୟୀ ପ୍ରାଧିକାରୀଙ୍କ ଦ୍ୱାରା ପ୍ରୟୋଗ ହୋଇପାରୁଥିବା ଅନ୍ୟ ଯେକୌଣସି କ୍ଷମତା, ତଦୁପଲକ୍ଷ୍ୟେ ପ୍ରାଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ଅଧିସୂଚନାରେ ଯେପରି ବିନିର୍ଦ୍ଦିଷ୍ଟ ହୋଇପାରେ ସେପରି ସୀମା ମଧ୍ୟରେ ତଥା ସେପରି ନିର୍ବନ୍ଧନ ଓ ସର୍ତ୍ତାବଳୀରେ ଉକ୍ତ ସ୍ୱତନ୍ତ୍ର ଯୋଜନା ପ୍ରାଧିକାରୀଙ୍କ ଦ୍ୱାରା ମଧ୍ୟ ପ୍ରୟୋଗ କରାଯାଇପାରିବ ।

ଧାରା 4ର ସଂଶୋଧନ ।

5. ମୂଳ ଅଧିନିୟମର ଧାରା 4ର ଉପଧାରା(4) ପରେ ନିମ୍ନଲିଖିତ ଉପଧାରା(5) ଅନ୍ତଃସ୍ଥାପିତ ହେବ; ଯଥା:-

"(5) ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳୀ ବା ବିନିୟମାବଳୀରେ ଯାହା କିଛି ଥିବା ସତ୍ତ୍ୱେ, ରାଜ୍ୟ ସରକାର, କୌଣସି ସ୍ଥାନୀୟ ପ୍ରାଧିକାରୀ ବା ରାଜ୍ୟ ସରକାରଙ୍କ ବିଭାଗ ବା କୌଣସି ରାଜ୍ୟ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଗଠିତ ବା ନିଗମିତ ଅନ୍ୟ କୌଣସି ପ୍ରାଧିକାରୀ ର ଅନୁରୋଧ କ୍ରମେ ବା ଅନ୍ୟଥା ଉକ୍ତ ପ୍ରଧିକାରୀର ଯେକୌଣସି ଅଧିକାରୀ ବା କର୍ମଚାରୀମାନଙ୍କୁ ନିର୍ଦ୍ଦେଶନାମାରେ ଯେପରି ବିନିର୍ଦ୍ଦିଷ୍ଟ ହେବ ସେପରି ସ୍ଥାନୀୟ ପ୍ରାଧିକାରୀକୁ ବା ରାଜ୍ୟ ସରକାରଙ୍କ ବିଭାଗକୁ ବା ରାଜ୍ୟ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଗଠିତ ବା ନିଗମିତ ଅନ୍ୟ କୌଣସି ପ୍ରାଧିକାରୀକୁ ଏକକାଳୀନ ଛଅ ବର୍ଷରୁ ଅଧିକ ହେଉନଥିବା ସେପରି କାଳାବଧି ନିମନ୍ତେ ଓ ସେପରି ନିର୍ବନ୍ଧନ ଓ ସର୍ତ୍ତାବଳୀରେ ପ୍ରତିନିଯୁକ୍ତି ଭିତ୍ତିରେ ବଦଳି କରିବାପାଇଁ କୌଣସି ସ୍ଥାନୀୟ ପ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦେଇପାରିବେ ଏବଂ ସେପରି ପ୍ରତିନିଯୁକ୍ତି ସ୍ଥଳେ ଉପଧାରା (4) ର ବ୍ୟବସ୍ଥାଗୁଡିକ ଆବଶ୍ୟକ ପରିବର୍ତ୍ତନ ସହ ପ୍ରଯୁଜ୍ୟ ହେବ ।"।

ନୂତନ ଧାରା 6-କ ର ଅନ୍ତଃସ୍ଥାପନ ।

6. ମୂଳ ଅଧିନିୟମର ଧାରା 6 ପରେ ନିମ୍ନ ଲିଖିତ ଧାରାଟି ଅନ୍ତଃସ୍ଥାପିତ ହେବ:-

"ସ୍ୱତନ୍ତ୍ର ଲକ୍ଷ୍ୟସାଧନ ସଂସ୍ଥା ଗଠନ ।

୬.କ ଏହି ଅଧିନିୟମର ଆଭିମୁଖ୍ୟଗୁଡିକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ପ୍ରାଧିକାରୀ, ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ କେବଳ ସଦସ୍ୟମାନଙ୍କୁ ନେଇ ଗଠିତ ବା ଆଂଶିକ ସଦସ୍ୟ ଓ ଆଂଶିକ ଅନ୍ୟ ବ୍ୟକ୍ତିମାନଙ୍କୁ ନେଇ ଗଠିତ ଆବଶ୍ୟକ ସଂଖ୍ୟକ ସ୍ୱତନ୍ତ୍ର ଲକ୍ଷ୍ୟ ସାଧନ ସଂସ୍ଥା ଗଠନ କରିପାରିବେ । " ।

ଧାରା 7ର ସଂଶୋଧନ ।

7. ମୂଳ ଅଧିନିୟମର ଧାରା 7ରେ ଥିବା "ଯୋଜନା ଅନୁସାରେ"ଶବ୍ଦଗୁଡିକ ପରେ "ପ୍ରାଧିକାରୀ ନିଜଦ୍ୱାରା ବା ତଦୁପଲକ୍ଷ୍ୟେ ଗଠିତ ସ୍ୱତନ୍ତ୍ର ଲକ୍ଷ୍ୟ ସାଧନ ସଂସ୍ଥା ଜରିଆରେ କିମ୍ବା ଏକ ଏଜେନ୍ସି ବା ଉନ୍ନୟନକାରୀ ସଂସ୍ଥା ଜରିଆରେ " ଶବ୍ଦଗୁଡିକ ଅନ୍ତଃସ୍ଥାପିତ ହେବ ।

ଧାରା 10ର ସଂଶୋଧନ ।

8. ମୂଳ ଅଧିନିୟମର ଧାରା 10ର ଉପଧାରା (2) ପରେ ନିମ୍ନଲିଖିତ ଉପଧାରାଟି ଅନ୍ତଃସ୍ଥାପିତ ହେବ, ଯଥା:-

" (3) ଏକ ଫଳପ୍ରଦ ଓ ସକ୍ରିୟ ଯୋଜନା କାର୍ଯ୍ୟପ୍ରଣାଳୀ ଉଦ୍ଦେଶ୍ୟରେ ଏକ ଜୋନାଲ୍ ଉନ୍ନୟନ ଯୋଜନାକୁ ବିଭିନ୍ନ ସେକ୍ଟରରେ ବିଭକ୍ତ କରାଯାଇପାରିବ ଯେଉଁଥିରେ କି, ପ୍ରତ୍ୟେକ ସେକ୍ଟରରେ ଥିବା ଭୂମିକୁ କେଉଁ ରୀତିରେ ବ୍ୟବହାର କରିବା ପାଇଁ ପ୍ରସ୍ତାବ ରହିଛି ଓ କେଉଁ କେଉଁ ସ୍ତର ଦେଇ ସେକ୍ଟର ଗୁଡିକରେ ଉକ୍ତ ଉନ୍ନୟନ କାର୍ଯ୍ୟକାରୀ ହେବ, ସେ ବିଷୟ ଦର୍ଶାଯିବ । " ।

ନୂତନ ଧାରା 10-କ ଓ 10-ଖ ର ଅନ୍ତଃସ୍ଥାପନ ।

9. ମୂଳ ଅଧିନିୟମର ଧାରା 10 ପରେ ନିମ୍ନଲିଖିତ ଧାରାଗୁଡିକ ଅନ୍ତଃସ୍ଥାପିତ ହେବ; ଯଥା:-

"ସ୍ଥାନୀୟ ଉନ୍ନୟନ ଯୋଜନାର ପ୍ରସ୍ତୁତି ।

10-କ.(1) ଆଞ୍ଚଳିକ ଉନ୍ନୟନ ଯୋଜନାର ପ୍ରସ୍ତୁତି ହେବା ସଂଗେ ସଂଗେ ବା ତାହାର କାର୍ଯ୍ୟ ଶେଷ ହେବା ପରେ ପରେ ଆଞ୍ଚଳିକ ଉନ୍ନୟନ ଯୋଜନା ଦ୍ୱାରା ଅନ୍ତର୍ଭୁକ୍ତ କ୍ଷେତ୍ରକୁ ଯେଉଁ ସେକ୍ଟରରେ ବିଭକ୍ତ କରାଯାଇଥିବ, ସେଭଳି ପ୍ରତ୍ୟେକ ସେକ୍ଟର ଲାଗି ସ୍ଥାନୀୟ ଉନ୍ନୟନ ଯୋଜନା ପ୍ରସ୍ତୁତି କରିବାଲାଗି ପ୍ରାଧିକାରୀ ପଦକ୍ଷେପ ଗ୍ରହଣ କରିବେ:

ପରନ୍ତୁ ଉନ୍ନୟନ କ୍ଷେତ୍ରର ଅଂଶ ବିଶେଷ ହୋଇଥିବା ଏପରି କୌଣସି କ୍ଷେତ୍ର, ଯାହାପାଇଁ କୌଣସି ମଧ୍ୟବର୍ତ୍ତୀ, ବ୍ୟାପକ ବା ଆଞ୍ଚଳିକ ଉନ୍ନୟନ ଯୋଜନା ପ୍ରସ୍ତୁତ କରାଯାଇ ନଥିବ, ସେହି କ୍ଷେତ୍ର ନିମନ୍ତେ ସ୍ଥାନୀୟ ଉନ୍ନୟନ ଯୋଜନା ପ୍ରସ୍ତୁତ କରିବା ଲାଗି ପ୍ରାଧିକାରୀ ପଦକ୍ଷେପ ଗ୍ରହଣ କରିପାରିବେ ଏବଂ ସେପରି ସ୍ଥଳେ, ସେଭାବେ ପ୍ରସ୍ତୁତ ସ୍ଥାନୀୟ ଉନ୍ନୟନ ଯୋଜନାମାନ ଯେପରି ଓ ଯେତେବେଳେ ପ୍ରସ୍ତୁତ ହେବ ଓ ପ୍ରାଧିକାରୀ ଦ୍ୱାରା ଅନୁମୋଦିତ ହେବ ସେପରି ଭାବରେ ତାହା ଉନ୍ନୟନ ଯୋଜନାରେ ସାମିଲ୍ କରାଯିବ ।

(2) ଏକ ସ୍ଥାନୀୟ ଉନ୍ନୟନ ଯୋଜନାରେ, ଧାରା 10ର ଉପଧାରା (2) ରେ ବ୍ୟବସ୍ଥା କରାଯାଇଥିବା ବିଷୟ ଗୁଡିକ ଛଡା ପ୍ରତ୍ୟେକ ପ୍ଲଟକୁ ଯାତାୟତ ବ୍ୟବସ୍ଥା ସକାଶେ ଏକ ବିସ୍ତୃତ ସଡକ ନେଟୱାର୍କ ଯୋଜନା ସହିତ ଏକ ସାଇଟ୍ ପ୍ଲାନ୍ ଏବଂ ଅନ୍ୟାନ୍ୟ ସୁବିଧାର ବ୍ୟବସ୍ଥା ସହିତ ସ୍ଥାନୀୟ ଉନ୍ନୟନ ଯୋଜନା ଅଧିନରେ ଥିବା କ୍ଷେତ୍ର ଗୁଡିକରେ ଭୂମିର ପ୍ରତ୍ୟେକ ପ୍ଲଟ୍‌ର ପ୍ରସ୍ତାବିତ ଉପଯୋଗ ବିଷୟରେ ଉଲ୍ଲେଖ ରହିବ ।

ଗରିବ ଲୋକମା ନ ଙ୍କପାଇଁ ଗୃହ ବ୍ୟବସ୍ଥା ଲାଗି ଭୂମି ସଂରକ୍ଷଣ ।

10-ଖ. ଅର୍ଥନୈତିକ କ୍ଷେତ୍ରରେ ଦୁର୍ବଳ ଶ୍ରେଣୀ ଓ ନିମ୍ନ ଆୟକାରୀ ବର୍ଗର ଲୋକମାନଙ୍କ ପାଇଁ ଗୃହ ବ୍ୟବସ୍ଥା ଯୋଗାଇ ଦେବାଲାଗି ପ୍ରାଧିକାରୀ, ଉନ୍ନୟନ ଯୋଜନା ପ୍ରସ୍ତୁତ କଲାବେଳେ ବାସଗୃହ ଉପଯୋଗୀ ଭୂମିର ଶତକଡା କୋଡିଏ ଭାଗ ଖାଲି ଜାଗା ସ୍ୱତନ୍ତ୍ରଭାବେ ଚିହ୍ନିତ କରି ରଖିବେ ।

ସ୍ପଷ୍ଟୀକରଣ- ଏହି ଧାରା ଉଦ୍ଦେଶ୍ୟରେ:-

(i) "ଅର୍ଥନୈତିକ କ୍ଷେତ୍ରରେ ଦୁର୍ବଳ ଶ୍ରେଣୀ" ଅଭିବ୍ୟକ୍ତିର ଅର୍ଥ, ରାଜ୍ୟସରକାରଙ୍କ ଦ୍ୱାରା, ସମୟକୁ ସମୟ ବିହିତ ହେବା ସୀମା ପର୍ଯ୍ୟନ୍ତ ଯେଉଁମାନଙ୍କର ପାରିବାରିକ ଆୟ ସୀମିତ ଅଟେ ସେପରି ଶ୍ରେଣୀର ବ୍ୟକ୍ତିମାନେ; ଏବଂ

(ii) "ନିମ୍ନ ଆୟକାରୀ ବର୍ଗ" ଅଭିବ୍ୟକ୍ତିର ଅର୍ଥ ରାଜ୍ୟସରକାରଙ୍କଦ୍ୱାରା ସମୟକୁ ସମୟ ବିହିତ ହେବା ସୀମା ପର୍ଯ୍ୟନ୍ତ ଯେଉଁମାନଙ୍କର ପାରିବାରିକ ଆୟ ସୀମିତ ଅଟେ ସେପରି ବର୍ଗର ବ୍ୟକ୍ତିମାନେ ;" ।

ଧାରା 13ର ସଂଶୋଧନ ।

**10.** ମୂଳ ଅଧିନିୟମର ଧାରା 13ର ଉପଧାରା(4) ପରେ ନିମ୍ନଲିଖିତ ଉପଧାରାଟି ଯୋଗ କରାଯିବ:-

"(5) ସ୍ଥାନୀୟ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେବାପରେ ସେହି କ୍ଷେତ୍ର ସଂପର୍କିତ ମଧବର୍ତ୍ତୀ, ବ୍ୟାପକ ଓ ଆଞ୍ଚଳିକ ଉନ୍ନୟନ ଯୋଜନାର ବ୍ୟବସ୍ଥାଗୁଡ଼ିକ ସ୍ଥାନୀୟ ଉନ୍ନୟନ ଯୋଜନାର ବ୍ୟବସ୍ଥା ଗୁଡ଼ିକ ସହିତ ଯେତେଦୂର ମେଳ ଖାଉନଥିବ ସେତେଦୂର ପର୍ଯ୍ୟନ୍ତ ସ୍ୱତଃ ପରିବର୍ତ୍ତିତ ହେବ ଓ ବଦଳି ଯିବ ।" ।

ଧାରା 15ର ସଂଶୋଧନ ।

**11.** ମୂଳ ଅଧିନିୟମର ଧାରା 15ର-

(କ) ଉପଧାରା(1)ର ଖଣ୍ଡ (i) ର ପ୍ରାରମ୍ଭିକ ଭାଗରେ ଥିବା "ଯେଉଁ ଭୂମିକୁ ପୁନର୍ବିଭାଜନ" ଶବ୍ଦଗୁଡ଼ିକ ବଦଳରେ "ଯେଉଁ ଭୂମିକୁ ଲେଆଉଟ୍ ଦ୍ୱାରା ପୁନର୍ବିଭାଜନ ବା ସମ୍ମିଶ୍ରଣ" ଶବଦଗୁଡ଼ିକ ପ୍ରତିସ୍ଥାପିତ ହେବ ।

(ଖ) ଉପଧାରା(1)ର ଖଣ୍ଡ (i) ରେ ଥିବା "ସମସ୍ତ ପ୍ଲଟ୍‌କୁ ଯାତାୟତ ସୁବିଧା" ଶବ୍ଦଗୁଡ଼ିକ ବଦଳରେ "ସମସ୍ତ ଚୂଡାନ୍ତ ପ୍ଲଟକୁ ଯାତାୟତ ସୁବିଧା" ଶବ୍ଦଗୁଡ଼ିକ ପ୍ରତିସ୍ଥାପିତ ହେବ ।

(ଗ) ଉପଧାରା (3) ପରେ ନିମ୍ନଲିଖିତ ଉପଧାରାଟି ଅନ୍ତଃସ୍ଥାପିତ ହେବ:-

"(4) ରାଜ୍ୟସରକାର ବିହିତ ହେବା ମତେ ସେପରି କେତେକ ଅଳ୍ପ ବିପଦଶଙ୍କୁଳ ବର୍ଗର ଉନ୍ନୟନକୁ ପୂର୍ବ ଅନୁମୋଦନ ସର୍ତ୍ତରୁ ବାଦ୍ ସେତେବେଳେ ଦେଇପାରିବେ, ଯେତେବେଳେ ଉକ୍ତ ଉନ୍ନୟନ ଗୁଡ଼ିକ ଯେପରି ବିହିତ ହୋଇପାରେ ସେପରି ନିର୍ବନ୍ଧନ ଓ ସର୍ତ୍ତାବଳୀର ଅନୁରୂପ ହେଉଥିବ ।" ।

ଧାରା 16 ର ସଂଶୋଧନ ।

**12.** ମୂଳ ଅଧିନିୟମର ଧାରା 16 ର

(କ) ଉପଧାରା (1)ର ଖଣ୍ଡ(କ)ରେ ଥିବା "ପୁନର୍ବିଭାଜନ" ଶବ୍ଦ ପରେ "ବା ସମ୍ମିଶ୍ରଣ" ଶବ୍ଦଗୁଡ଼ିକ ଯୋଗ କରାଯିବ,

(ଖ) ଉପଧାରା (3)ର ପରନ୍ତୁକରେ ଥିବା "ଉନ୍ନୟନ ଦେୟ" ଶବ୍ଦଗୁଡ଼ିକ ପରେ "ଏବଂ ସହର ଭିତ୍ତିଭୂମି ପ୍ରତିଫଳ ବାବଦ ଫିସ୍" ଶବ୍ଦଗୁଡ଼ିକ ଯୋଗ କରାଯିବ ।

ନୂତନ ଧାରା 16-କ ର ଅନ୍ତଃସ୍ଥାପନ ।

13. ଓଡିଶା ଉନ୍ନୟନ ପ୍ରାଧିକରଣ ଅଧିନିୟମର ଧାରା 16 ପରେ ନିମ୍ନଲିଖିତ ଧାରାଟି ଅନ୍ତଃସ୍ଥାପିତ ହେବ ଯଥା :-

"ଅନୁମତି ପାଇଁ ଏକକ ଦରଖାସ୍ତ ଫର୍ମ ।

16-କ (1) ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳୀ ବା ବିନିୟମାବଳୀରେ ଯାହାକିଛି ଥିବା ସତ୍ତ୍ୱେ, ଧାରା 16 ଅନୁଯାୟୀ ପ୍ରାଧିକାରୀ ଦ୍ୱାରା ମଂଜୁର କରାଯାଉଥିବା ଅନୁମତି ପ୍ରକ୍ରିୟାକୁ ସରଳ କରିବା ଉଦ୍ଦେଶ୍ୟରେ, ରାଜ୍ୟ ସରକାର, ସେପରି ଅନୁମତି ଲୋଡୁଥିବା ବ୍ୟକ୍ତିମାନଙ୍କ ଦ୍ୱାରା ବ୍ୟବହୃତ ହେବା ଲାଗି ଏକକ ଦରଖାସ୍ତ ଫର୍ମ ବିହିତ କରିପାରିବେ ।

(2) ପ୍ରତ୍ୟେକ ବ୍ୟକ୍ତି, ଯେପରି ବିହିତ ହୋଇପାରେ ସେପରି ଫର୍ମରେ, ସେପରି ରୀତିରେ ଓ ସେପରି ସର୍ତ୍ତାବଳୀ ପ୍ରତି ସାପେକ୍ଷ ହୋଇ, ପ୍ରାଧିକାରୀଙ୍କୁ ଏକ ଏକକ ଦରଖାସ୍ତ ଦେବେ ।

(3) ଏକକ ଦରଖାସ୍ତ ଫର୍ମଗୁଡ଼ିକ ପାଇବା ପରେ, ପ୍ରାଧିକାରୀ ଉକ୍ତ ଦରଖାସ୍ତଗୁଡ଼ିକର ନକଲ, ପ୍ରାଧିକାରୀ ଦ୍ୱାରା ଅନୁମତି ମଞ୍ଜୁରି ପୂର୍ବରୁ ରାଜ୍ୟ ସରକାରଙ୍କର ଯେଉଁ ବିଭାଗ ବା ଏଜେନ୍ସିଗୁଡ଼ିକ ଠାରୁ ଆପତ୍ତିବିହୀନ ପ୍ରମାଣପତ୍ର ଆବଶ୍ୟକ, ସେମାନଙ୍କ ନିକଟକୁ ପଠାଇବ ଏବଂ ରାଜ୍ୟ ସରକାରଙ୍କର ଉକ୍ତ ବିଭାଗ ବା ଏଜେନ୍ସିମାନେ ନିୟମାବଳୀରେ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସେପରି ଆପତ୍ତିବିହୀନ ପ୍ରମାଣପତ୍ର ମଞ୍ଜୁର ନିମନ୍ତେ ବିଚାର କରିବେ ଏବଂ ଯଦି ଧାର୍ଯ୍ୟ ସମୟ ସୀମା ମଧ୍ୟରେ ରାଜ୍ୟ ସରକାରଙ୍କର କୌଣସି ବିଭାଗ ବା ଏଜେନ୍ସି ସେମାନଙ୍କର ମତାମତ ଜଣାଇବାରେ ବିଫଳ ହୁଅନ୍ତି, ତେବେ ଆପତ୍ତିବିହୀନ ପ୍ରମାଣପତ୍ର ମିଳିଛି ବୋଲି ବିବେଚିତ ହେବ ।

(4) ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ପ୍ରାଧିକାରୀ ଓ ଏଜେନ୍ସି ଗୁଡ଼ିକ ଦ୍ୱାରା ଏକକ ଦରଖାସ୍ତ ଫର୍ମ ପଠାଇବା ସଂପର୍କିତ ପ୍ରକ୍ରିୟା ତଥା ତଦୁପଲକ୍ଷେ

ଆବଶ୍ୟକ ହେଉଥିବା ମତେ ସେପରି ଅନ୍ୟାନ୍ୟ ବିଷୟରେ ବିହିତ କରିବା ଲାଗି ରାଜ୍ୟ ସରକାର, ନିୟମାବଳୀ ପ୍ରଣୟନ କରିପାରିବେ ।

(5) ଏହି ଧାରାରେ ଯାହାକିଛି ଥିବା ସତ୍ତ୍ୱେ, ଓଡିଶା ଉନ୍ନୟନ ପ୍ରାଧିକରଣ (ସଂଶୋଧନ) ଅଧିନିୟମ, 2015 ପ୍ରାରମ୍ଭ ହେବା ଠିକ୍ ପୂର୍ବରୁ ବିଚାରାଧୀନ ଥିବା କୌଣସି ଦରଖାସ୍ତ, ସେପରି ପ୍ରାରମ୍ଭ ହେବା ପୂର୍ବରୁ ପ୍ରଚଳିତ ଥିବା ବ୍ୟବସ୍ଥା ଅନୁସାରେ ବିଚାର କରାଯିବ ।

ଧାରା 20 କ ର ଅନ୍ତଃସ୍ଥାପନ ।

14. ମୂଳ ଅଧିନିୟମର ଧାରା 20 ପରେ ନିମ୍ନଲିଖିତ ଧାରାଟି ଅନ୍ତଃସ୍ଥାପିତ ହେବ ଯଥା:-

"ଅଧିଭୋଗ ପ୍ରମାଣପତ୍ର ମଞ୍ଜୁରୀ ।

20-କ. ଧାରା 20 ଅନୁଯାୟୀ କାର୍ଯ୍ୟ ସମାପ୍ତି ପ୍ରମାଣପତ୍ର ପାଇବା ପରେ, ପ୍ରାଧିକାରୀ, ଯେପରି ବିହିତ ହୋଇପାରେ ସେପରି ନିର୍ବନ୍ଧନ ଓ ସର୍ତ୍ତାବଳୀରେ ତଥା ସେପରି ଅର୍ଥ ପ୍ରଦାନ ପୂର୍ବକ କୋଠାଘର ବା ପରିସରର ସଂପୂର୍ଣ୍ଣ ବା ଅଂଶିକ ଦଖଲ ନେବା ପାଇଁ ସେପରି ଫର୍ମରେ ଅଧିଭୋଗ ପ୍ରମାଣପତ୍ର ମଂଜୁର କରିବାଲାଗି ବିଚାର କରିବେ ।" ।

ଧାରା-21ର ସଂଶୋଧନ ।

15. ମୂଳ ଅଧିନିୟମର ଧାରା 21ର ଉପଧାରା(4) ପରେ ନିମ୍ନଲିଖିତ ଉପଧାରାଗୁଡିକ ଅନ୍ତଃସ୍ଥାପିତ ହେବ ଯଥା:-

"(5) ଉନ୍ନୟନ ପରିକଳ୍ପନାର ବ୍ୟବସ୍ଥାଗୁଡିକ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ, ବିଶେଷକରି ଯେତେବେଳେ ସେହି ପରିକଳ୍ପନାରେ ଅନ୍ତର୍ଭୁକ୍ତ ଭୂମି ରାଜ୍ୟ ସରକାରଙ୍କର ହୋଇ ନଥାଏ ସେପରିସ୍ଥଳେ, ଓ ଉପଧାରା (3)ର ଖଣ୍ଡ (କ),(ଘ),(ଜ),(ଝ) ଏବଂ ଖଣ୍ଡ(ଣ) ସଂକ୍ରାନ୍ତୀୟ ବିଷୟକୁ କାର୍ଯ୍ୟକାରୀ କରିବା ନିମନ୍ତେ କାର୍ଯ୍ୟପ୍ରଣାଳୀ ବ୍ୟବସ୍ଥା କରିବାକୁ ତଥା ଏହି ଅଧିନିୟମର ଆଭିମୁଖ୍ୟ ସହିତ ଅସଙ୍ଗତ ହେଉନଥିବା ସେପରି ଅନ୍ୟାନ୍ୟ ବିଷୟକୁ କାର୍ଯ୍ୟକାରୀ କରିବା ସକାଶେ ରାଜ୍ୟ ସରକାର, ଉନ୍ନୟନ ପରିକଳ୍ପନାଗୁଡିକର ସଫଳ ରୂପାୟନ ଲାଗି ଭୂମି ଏକତ୍ରୀକରଣ ପରିକଳ୍ପନାର କାର୍ଯ୍ୟ ନିଷ୍ପାଦନ ପାଇଁ ନିୟମାବଳୀ ପ୍ରଣୟନ କରିପାରିବେ ଯେଉଁଥିରେ ଅଭିପ୍ରାୟ ଘୋଷଣା ସଂପର୍କିତ ବିଷୟ, ଭୂମି ଏକତ୍ରୀକରଣ ପରିକଳ୍ପନା ଅନୁସାରେ ଭୂମିର ଆରକ୍ଷଣ ଓ ଆବଣ୍ଟନ, ଜମିଜମା ରେକର୍ଡରେ ସତ୍ୟାପନ ପଦ୍ଧତି, ବିବାଦୀୟ ମାଲିକାନା ସଂକ୍ରାନ୍ତୀୟ ବିଷୟଗୁଡିକୁ ଫଇସଲା କରିବା ବ୍ୟବସ୍ଥା, ଅଭିପ୍ରାୟ ଘୋଷଣା କରିବାର ପରିଣାମ, ସେପରି ପରିକଳ୍ପନାଗୁଡିକର ପ୍ରସ୍ତୁତି ପ୍ରଣାଳୀ ସମ୍ବନ୍ଧରେ ବିହିତ କରାଯିବ ।

(୬) ଏତଦୁପଲକ୍ଷ୍ୟେ ପ୍ରଣୟନ ହେବାକୁ ଥିବା ବିନିୟମାବଳୀ ଦ୍ଵାରା ଯେପରି ବିହିତ ହୋଇପାରେ ସେପରି ନିର୍ବନ୍ଧନ ଓ ସର୍ତ୍ତାବଳୀରେ , ପ୍ରାଧିକାରୀ ତରଫରୁ ଉନ୍ନୟନ କ୍ଷେତ୍ର ମଧ୍ୟରେ ଥିବା ଭୂମି ଏକତ୍ରୀକରଣ ପରିକଳ୍ପନା ସଂକ୍ରାନ୍ତରେ ଏକ ଉନ୍ନୟନ ପରିକଳ୍ପନା ପ୍ରସ୍ତୁତ କରିବା ଓ ତାହାକୁ ନିଷ୍ପାଦନ କରିବା ନିମନ୍ତେ ଏକ ଉନ୍ନୟନ ସଂସ୍ଥାକୁ ପ୍ରାଧିକାରୀ ଲାଇସେନ୍ସ ମଂଜୁର କରିପାରିବେ ।" ।

ନୂତନ ଧାରା 31-କ ର ଅନ୍ତଃସ୍ଥାପନ ।

**16.** ମୂଳ ଅଧିନିୟମର ଧାରା 31 ପରେ ନିମ୍ନଲିଖିତ ଧାରାଟି ଅନ୍ତସ୍ଥାପିତ ହେବ ଯଥା :-

"ଚିଠା ସହର ଯୋଜନା ପରିକଳ୍ପନା ମଂଜୁରିର ପ୍ରଭାବ ।

31.କ(1) ଯେତେବେଳେ ଧାରା 31ର ଉପଧାରା (2) ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ଵାରା ଏକ ଚିଠା ପରିକଳ୍ପନା (ଏହାପରେ ମଂଜୁରି ପ୍ରାପ୍ତ ଚିଠା ପରିକଳ୍ପନାଭାବେ ସୂଚୀତ ) ମଂଜୁର କରାଯାଇଥିବ, ସେତେବେଳେ, ଧାରା 22ର ଉପଧାରା (4) ର ଖଣ୍ଡ (ଘ),(ଝ) ଓ (ଡ)ରେ ବିନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ପ୍ରାଧିକାରୀ ଦ୍ଵାରା ଆବଶ୍ୟକ ସମସ୍ତ ଭୂମି ସମସ୍ତ ଦାୟରୁ ମୁକ୍ତ ହୋଇ ପ୍ରାଧିକାରୀଠାରେ ସଂପୂର୍ଣ୍ଣରୂପେ ନ୍ୟସ୍ତ ହେବ ।

(2) ଉପଧାରା (1) ରେ ଥିବା କୌଣସି ବିଷୟ, ସେହି ଉପଧାରାରେ ଉଲ୍ଲିଖିତ ଉଦ୍ଦେଶ୍ୟରେ ସେପରି ନ୍ୟସ୍ତ ହୋଇଥିବା ଭୂମିର ମାଲିକଙ୍କ କୌଣସି ଅଧିକାରକୁ ପ୍ରଭାବିତ କରିବ ନାହିଁ ।

(3) ଧାରା 51 ଓ 52ର ବ୍ୟବସ୍ଥାମାନ ଯଥୋଚିତ ପରିବର୍ତ୍ତନ ସହ ମଂଜୁରିପ୍ରାପ୍ତ ଚିଠା ପରିକଳ୍ପନା ପ୍ରତି ଏପରି ପ୍ରଯୁଜ୍ୟ ହେବ, ଯତେ ଯେପରି ମଂଜୁରିପ୍ରାପ୍ତ ଚିଠା ପରିକଳ୍ପନାଟି ଏକ ପ୍ରାରମ୍ଭିକ ସହର ଯୋଜନା ପରିକଳ୍ପନା ଅଟେ ।" ।

ଧାରା 32ର ସଂଶୋଧନ ।

**17.** ମୂଳ ଅଧିନିୟମର ଧାରା 32ରେ ଉପଧାରା (1) ବଦଳେ ନିମ୍ନଲିଖିତ ଉପଧାରାଟି ପ୍ରତିସ୍ଥାପିତ ହେବ, ଯଥା:-

"(1) ଧାରା 23 ର ଉପଧାରା (1) ଅନୁଯାୟୀ ପ୍ରାଧିକାରୀ ଯେଉଁ ତାରିଖରେ ତାଙ୍କ ଉଦ୍ଦେଶ୍ୟ ଘୋଷଣା କରି ଓ ତାହାର ଉପଧାରା (2)ର ଆବଶ୍ୟକତା ମତେ ଯଥୋଚିତଭାବେ ତାହା ପ୍ରକାଶିତ କରିବେ, ସେହି ତାରିଖରେ ବା ପରେ, ଯେଉଁ ଅଞ୍ଚଳ ସଂକ୍ରାନ୍ତରେ ଉଦ୍ଦେଶ୍ୟ ଘୋଷିତ ହୋଇଥିବ ସେହି ଅଞ୍ଚଳ ମଧ୍ୟରେ କୌଣସି ବ୍ୟକ୍ତି କୌଣସି ଉନ୍ନୟନ ମୂଳକ

କାର୍ଯ୍ୟ କରିବେ ନାହିଁ, ଯଦି ସେପରି ବ୍ୟକ୍ତି ସେପରି କରିବାକୁ ଦରଖାସ୍ତ କରି ପ୍ରାଧିକାରୀଙ୍କଠାରୁ ବିହିତ ହେବାମତେ ଫର୍ମରେ ଆବଶ୍ୟକ ଅନୁମତି ଆଣିନଥିବେ ।

ଧାରା-33ର ସଂଶୋଧନ ।

**18.** ମୂଳ ଅଧିନିୟମର ଧାରା 33ର ଉପଧାରା(1)ପରେ ନିମ୍ନଲିଖିତ ପରନ୍ତୁକଟି ଅନ୍ତଃସ୍ଥାପିତ ହେବ, ଯଥା:-

"ପରନ୍ତୁ ପ୍ରାଧିକାରୀଙ୍କ ଅନୁରୋଧକ୍ରମେ ରାଜ୍ୟସରକାର, ଧାରା 24ର ଉପଧାରା(3) ଅନୁଯାୟୀ ଚିଠା ସହର ଯୋଜନା ପରିକଳ୍ପନାର ପ୍ରକାଶନ ତାରିଖଠାରୁ ଏକ ମାସ ମଧ୍ୟରେ ଜଣେ ମୂଲ୍ୟାୟନ ଅଧିକାରୀଙ୍କୁ ନିଯୁକ୍ତ କରିପାରିବେ ।" ।

ଧାରା 34ର ସଂଶୋଧନ ।

**19.** ମୂଳ ଅଧିନିୟମର ଧାରା-34ର-ଉପଧାରା(3)ରେ "ଓଡିଶା ଉଚ୍ଚ ତର ନ୍ୟାୟିକ ସେବା (ବରିଷ୍ଠ ବର୍ଗ)ର ଅଧିକାରୀମାନଙ୍କ ମଧ୍ୟରୁ ସଭାପତି ହେବେ" ଶବ୍ଦଗୁଡିକ ବଦଳେ "ଓଡିଶା ରାଜ୍ୟରେ ଜଣେ ଜିଲାଜଜ୍ ଭାବେ କାର୍ଯ୍ୟ କରୁଥିବା ବା କରିଥିବା ଜଣେ ବ୍ୟକ୍ତି ସଭାପତି ହେବେ" ଶବ୍ଦଗୁଡିକ ପ୍ରତିସ୍ଥାପିତ ହେବ ଏବଂ ନିମ୍ନଲିଖିତ ପରନ୍ତୁକଟି ଯୋଗ ହେବ, ଯଥା:-

"ପରନ୍ତୁ ସେପରି ଜିଲ୍ଲାଜଜ୍ ବା ଅତିରିକ୍ତ ଜିଲ୍ଲାଜଜ୍‌କୁ ସମୟପୂର୍ବ ଅବସର ଦିଆଯାଇନଥିବ" ।

ଧାରା-74ର ସଂଶୋଧନ ।

**20.** ମୂଳ ଅଧିନିୟମର ଧାରା 74 ବଦଳେ ନିମ୍ନଲିଖିତ ଧାରାଟି ପ୍ରତିସ୍ଥାପିତ ହେବ, ଯଥା:-

"74.(1) ଏହି ଉଦ୍ଦେଶ୍ୟରେ ପ୍ରଣୀତ ନିୟମାବଳୀ ଓ ବିନିୟମାବଳୀ ଅନୁସାରେ ପ୍ରାଧିକାରୀ, କ୍ରୟ, ବଦଳ,ଉପହାର, ଲିଜ୍, ବନ୍ଧକ ବା ବିଧି ଅନୁଯାୟୀ ଅନୁମତିଯୋଗ୍ୟ ଅନ୍ୟ କୌଣସି ପଦ୍ଧତିରେ ଅସ୍ଥାବର ବା ସ୍ଥାବର ସଂପତ୍ତି ଅର୍ଜନ କରିପାରିବେ ।

(2) ବିହିତ ହେବାମତେ ସେପରି ରୀତିରେ ଓ ସେପରି ନିର୍ବନ୍ଧନ ଓ ସର୍ତ୍ତାବଳୀରେ ଭୂମି ଓ ସଂପତ୍ତିର ମୂଲ୍ୟ ବାବଦରେ ପ୍ରଦାନ ବଦଳରେ ପ୍ରାଧିକାରୀ ଉନ୍ନୟନ ଅଧିକାର ପ୍ରମାଣପତ୍ର ନିର୍ଗମନ କରି ଅନ୍ତରଣୀୟ ଉନ୍ନୟନ ଅଧିକାର (ଟିଡିଆର) ପ୍ରଦାନ ଦ୍ୱାରା ଲୋକହିତ ପାଇଁ ଭିତ୍ତିଭୂମି, ସୁଖ ସୁବିଧା ଓ ସୁଯୋଗମାନ ଯୋଗାଇଦେବା ସକାଶେ, ମାଲିକଙ୍କ ଲିଖିତ

ସମ୍ମତି ନେଇ ଭୂମି ବା ସଂପତ୍ତି ବା ଉଭୟ ଅର୍ଜନ କରିପାରିବେ :

ପରନ୍ତୁ ସେପରି କ୍ଷେତ୍ରରେ ବେଞ୍ଚମାର୍କ ମୂଲ୍ୟମତେ ଭୂମିର ଆପେକ୍ଷିକ ମୂଲ୍ୟ କେତେ ଓ ଉଭୟ ଦିଆଯାଉଥିବା ବା ଅଣାଯାଉଥିବା କ୍ଷେତ୍ରରେ ତାହାର ସମତୁଲ୍ୟ ମୂଲ୍ୟ କେତେ ସେହି ଭିତ୍ତିରେ ଅନ୍ତରଣୀୟ ଉନ୍ନୟନ ଅଧିକାର ଅବଧାରଣ କରାଯିବ ଓ ସେପରି ଅଧିକାର ବିହିତ ହେବାମତେ ଉନ୍ନୟନ କ୍ଷେତ୍ର ମଧ୍ୟରେ ମାଲିକ ନିଜେ ଅତିରିକ୍ତ ଚଟାଣ କ୍ଷେତ୍ରଭାବେ ବ୍ୟବହାର କରିପାରିବେ ବା ସଂପୂର୍ଣ୍ଣରୂପେ ବା ଆଂଶିକରୂପେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଅନ୍ତରଣ କରିପାରିବେ ବା ବିଲ୍ଡିଂ ନିର୍ମାଣକୁ ନିୟନ୍ତ୍ରଣ କରୁଥିବା ଅନ୍ୟ ସମସ୍ତ ନିୟମାବଳୀ ବା ବିନିୟମାବଳୀର ଅନୁପୂରଣର ସାପେକ୍ଷତାରେ ଉନ୍ନୟନ ଅନୁମତି ପାଇଁ ପ୍ରଦେୟ ଫିସ୍ ଓ ଚାର୍ଜ ଗୁଡ଼ିକ ବାବଦରେ ଉକ୍ତ ଅର୍ଥ ସମାୟୋଜନ କରାଯିବ ।

(3) ସର୍ବସାଧାରଣ ସ୍ୱାର୍ଥ ଉଦ୍ଦେଶ୍ୟରେ ଏକ ଅନୁମୋଦିତ ଉନ୍ନୟନ ଯୋଜନାରେ ସୂଚୀତ ଭୂମି ଓ ଚଟାଣ କ୍ଷେତ୍ରକୁ, ପ୍ରାଧିକାରୀ, ମାଲିକଙ୍କ ସମ୍ମତିକ୍ରମେ ଓ ବିହିତ ରୀତିରେ ଅର୍ଜନ କରିପାରିବେ ଏବଂ ଭୂମି ଓ ଚଟାଣ କ୍ଷେତ୍ରର ମୂଲ୍ୟ ବଦଳେ ମାଲିକଙ୍କୁ ସୁଖସୁବିଧା ପାଇଁ ଆବଶ୍ୟକ ଚଟାଣ କ୍ଷେତ୍ର ବାହାରେ ମେଜିଆ କ୍ଷେତ୍ର ଅନୁପାତ ସଂପର୍କିତ ମାର୍ଗଦର୍ଶିକାରେ ମଞ୍ଜୁରୀଯୋଗ୍ୟ ଅତିରିକ୍ତ ଚଟାଣ କ୍ଷେତ୍ର ରୂପେ ପ୍ରଦାନ କରିପାରିବେ ।" ।

ଧାରା 75-କ ର ଅନ୍ତଃସ୍ଥାପନ ।

**21.** ମୂଳ ଅଧିନିୟମର ଧାରା 75ପରେ ନିମ୍ନ ଲିଖିତ ଧାରାଟି ଅନ୍ତଃସ୍ଥାପିତ ହେବ, ଯଥା:-

"ଭୂମି ବ୍ୟାଙ୍କର ସୃଷ୍ଟି ଓ ପରିଚାଳନା ।

75-କ. (1) ଏହି ଅଧିନିୟମର ଉଦ୍ଦେଶ୍ୟ ଗୁଡ଼ିକୁ ଆଗେଇନେବା ସକାଶେ ପ୍ରତ୍ୟେକ ପ୍ରାଧିକାରୀ ଏକ ଭୂମି ବ୍ୟାଙ୍କ ସୃଷ୍ଟି କରିବେ ଓ ଚଳେଇବେ ଯେଉଁଥିରେ ଧାରା 72 ରୁ 75 ଅନୁଯାୟୀ ଅର୍ଜନ କରାଯାଇଥିବା ଭୂମିର ହିସାବ ରହିବ ।

(2) ବିନିୟମାବଳୀରେ ବିହିତ ହେବାମତେ ସେପରି ରୀତିରେ ପ୍ରାଧିକାରୀମାନେ ଭୂମି ବ୍ୟାଙ୍କ ପରିଚାଳନା କରିବେ ।"

ଧାରା 77ର ସଂଶୋଧନ ।

**22.** ମୂଳ ଅଧିନିୟମର ଧାରା 77ର ଉପଧାରା(5) ପରେ ନିମ୍ନ ଲିଖିତ ଉପଧାରାଟି ଅନ୍ତଃସ୍ଥାପିତ ହେବ, ଯଥା :-

"(5-କ) ଏକ ବିସ୍ତୃତ ବିକାଶ ଯୋଜନା ଭିତ୍ତିଭୂମି ଉନ୍ନୟନ

ପାଣ୍ଠି(ସିଆଇଡିଏଫ୍) ଗଠନ ଓ ଚଳାଇବା ସକାଶେ ରାଜ୍ୟସରକାର ଯେକୌଣସି ପ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦେଇପାରିବେ ଯେଉଁଥିରେ କି ସେପରି ନିର୍ଦ୍ଦେଶରେ ବିନିର୍ଦ୍ଦିଷ୍ଟ ହେବାମତେ ସେପରି ଅର୍ଥ, ଫିସ୍ ଓ ଚାର୍ଜ ଜମା ରଖାଯିବ ଓ ରାଜ୍ୟସରକାର ନିର୍ଦ୍ଦେଶ ଦେବାମତେ ସେପରି ଉଦ୍ଦେଶ୍ୟରେ, ସେପରି ରୀତିରେ ଓ ସେପରି ନିର୍ବନ୍ଧନ ଓ ବ୍ୟତିକ୍ରମର ସାପେକ୍ଷତାରେ ତାହାର ଉପଯୋଗ କରାଯିବ ।" ।

ଅଧ୍ୟାୟ ix ର ସଂଶୋଧନ ।

23. ମୂଳ ଅଧିନିୟମର ଅଧ୍ୟାୟ ix ର ପ୍ରାରମ୍ଭ ଭାଗରେ "ଉନ୍ନୟନ ଖର୍ଚ୍ଚ ଲେଭି" ଶବ୍ଦଗୁଡ଼ିକ ବଦଳେ "ଉନ୍ନୟନ ଖର୍ଚ୍ଚ ଲେଭି, ନଗର ଭିତ୍ତିଭୂମି ଫିସ୍, ୟୁଜର୍ସ ଫିସ୍ ଆଦି" ଶବ୍ଦ ଓ କମା ଗୁଡ଼ିକ ପ୍ରତିସ୍ଥାପିତ ହେବ ।

ଧାରା-୫4 ର ସଂଶୋଧନ ।

24. ମୂଳ ଅଧିନିୟମର ଧାରା ୫4ରେ "ଅବଧାରଣ ହେବା ମତେ ଧାରା ୫5ରେ ବିନିର୍ଦ୍ଦିଷ୍ଟ ସର୍ବୋଚ୍ଚ ହାରରୁ ଅନଧିକ ସେପରି ହାରରେ" ଶବ୍ଦ ଓ ଅଙ୍କ ଗୁଡ଼ିକ ବଦଳେ "ଏତଦ୍ ଉପଲକ୍ଷେ ସରକାର ସମୟକୁ ସମୟ ଅଧିସୂଚନା ଦ୍ୱାରା ବିନିର୍ଦ୍ଦିଷ୍ଟ କରିବାମତେସେପରି ହାରରେ" ଶବ୍ଦଗୁଡ଼ିକ ପ୍ରତିସ୍ଥାପିତ ହେବ ।

ଧାରା ୫5ର ସଂଶୋଧନ ।

25. ମୂଳ ଅଧିନିୟମର ଧାରା ୫5ର ଉପଧାରା(2)ର ପ୍ରଥମ ପରନ୍ତୁକଟି ଲୋପ ହେବ ଏବଂ ତାହାର ଦ୍ୱିତୀୟ ପରନ୍ତୁକରେ ଥିବା "ଅଧିକନ୍ତୁ" ଶବ୍ଦ ବଦଳେ "ପରନ୍ତୁ" ଶବ୍ଦ ପ୍ରତି ସ୍ଥାପିତ ହେବ ।

ନୂତନ ଧାରା ୫6-କ ର ଅନ୍ତଃସ୍ଥାପନ ।

26. ମୂଳ ଅଧିନିୟମର ଧାରା ୫6 ପରେ ନିମ୍ନଲିଖିତ ଧାରାଟି ଅନ୍ତଃସ୍ଥାପିତ ହେବ, ଯଥା :-

" ନଗର ଭିତ୍ତିଭୂମି ପ୍ରତିଫଳ ବାବଦ ଫିସ୍‌ର ଲେଭି ।

୫6-କ(1) ପ୍ରଭାବୀଥିବା ଉନ୍ନୟନ ଯୋଜନାରେ ବିନିର୍ଦ୍ଦିଷ୍ଟ ହେବା ମତେ ନଗର ସ୍ତରୀୟ ଭିତ୍ତିଭୂମି ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ଓ ସେପରି ଅନ୍ୟାନ୍ୟ ଉଦ୍ଦେଶ୍ୟରେ ବିନିୟମରେ ବିହିତ ହେବାମତେ ସେପରି ହାରରେ ପ୍ରାଧିକାରୀ ନିମ୍ନଲିଖିତ ସମସ୍ତ କ୍ଷେତ୍ରରେ ନଗର ଭିତ୍ତିଭୂମି ପ୍ରତିଫଳ ବାବଦ ଫିସ୍ ଲେଭି କରିପାରିବେ :-

(କ) ବ୍ୟବସାୟିକ ବିଲ୍ଡିଂ;

(ଖ)ଆପର୍ଟମେଣ୍ଟ ଓ ଗ୍ରୁପ ହାଉସିଂ ବିଲ୍ଡିଂ; ଓ

(ଗ) ଆବାସିକ, ବ୍ୟବସାୟିକ ବା ଆନୁଷ୍ଠାନିକ ବା ଶିକ୍ଷାବିଷୟକ ବିଲ୍ଡିଂ ସମେତ ବହୁତଳ ପ୍ରାସାଦ ।

(2) ଅନୁମତି ମଂଜୁର କଲାବେଳେ ଉପଧାରା(1) ଅନୁଯାୟୀ ଲେଭି

କରାଯାଉଥିବା ନଗର ଭିତ୍ତିଭୂମି ପ୍ରତିଫଳ ବାବଦ ଫିସ୍ ପ୍ରଦେୟ ହେବ ।

(୩) ସଂଗୃହୀତ ସେପରି ସମସ୍ତ ଫିସ୍ ବିସ୍ତୃତ ବିକାଶ ଯୋଜନା ଭିତ୍ତିଭୂମି ଉନ୍ନୟନ ପାଣ୍ଠି (ସିଆଇଡିଏଫ୍) ରେ ଜମା ଓ ଅନୁରକ୍ଷଣ କରାଯିବ ଓ ତାହା ନଗରସ୍ତରୀୟ ଭିତ୍ତିଭୂମିର ବିକାଶପାଇଁ ବିନିଯୋଗ କରାଯିବ:

ପରନ୍ତୁ ସରକାରଙ୍କ ବିଭିନ୍ନ ବିଭାଗ ଓ କୌଣସି ଅଧିନିୟମର ବ୍ୟବସ୍ଥାମାନ ଅନୁଯାୟୀ ପ୍ରତିଷ୍ଠିତ କାନୁନୀ ନିକାୟ ଗୁଡିକର ବିଲ୍ଡିଂ ପାଇଁ ଅନୁମତି ମଂଜୁର କଲାବେଳେ ସେପରି ଫିସ୍ ଲେଭି କରାଯିବ ନାହିଁ । କିନ୍ତୁ ଯେଉଁ ବିଲ୍ଡିଂ ଗୁଡିକ ବ୍ୟବସାୟିକ ପରିଯୋଜନାଗୁଡିକ ଅନୁଯାୟୀ ନିର୍ମାଣ କରାଯାଇଥିବ ସେହି ବିଲ୍ଡିଂ ଗୁଡିକ ଏହି ଛାଡ ପାଇବେ ନାହିଁ ।" ।

ଧାରା ୪୭ର ସଂଶୋଧନ ।

**27.** ମୂଳ ଅଧିନିୟମର ଧାରା-୪୭ର ଉପଧାରା(୧)ରେ "ଓଡିଶା ଉଚ୍ଚତର ନ୍ୟାୟିକ ସେବା (ବରିଷ୍ଠ ବର୍ଗ)ର ଅଧିକାରୀମାନଙ୍କ ମଧ୍ୟରୁ" ଶବ୍ଦଗୁଡିକ ବଦଳେ "ଓଡିଶା ରାଜ୍ୟରେ ଜଣେ ଜିଲ୍ଲା ଜଜ୍ ବା ଅତିରିକ୍ତ ଜିଲ୍ଲା ଜଜ୍‌ଭାବେ କାର୍ଯ୍ୟ କରୁଥିବା ବା କରିଥିବା" ଶବ୍ଦଗୁଡିକ ପ୍ରତିସ୍ଥାପିତ ହେବ ଓ ନିମ୍ନଲିଖିତ ପରନ୍ତୁକଟି ଅନ୍ତଃସ୍ଥାପିତ ହେବ ଯଥା:-

"ପରନ୍ତୁ ସେପରି ଜିଲ୍ଲା ଜଜ୍ ବା ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କୁ ସମୟପୂର୍ବ ଅବସର ଦିଆଯାଇନଥିବ ।" ।

ଧାରା ୭୧ର ସଂଶୋଧନ ।

**28.** ମୂଳ ଅଧିନିୟମର ଧାରା-୭୧ର ଉପଧାରା(୧)ରେ

(କ) "ଭାଙ୍ଗି ଅପସାରଣ କରି" ଶବ୍ଦଗୁଡିକପରେ "ବା ସିଲ୍‌ଦ୍ୱାରା ସୁରକ୍ଷିତ କରି," ଶବ୍ଦଗୁଡିକ ଅନ୍ତଃସ୍ଥାପିତ ହେବ; ଓ

(ଖ) "ସେହି ଉନ୍ନୟନ ଅପସାରଣ କରିପାରିବେ ବା କରାଇପାରିବେ ଓ ସେପରି ଅପସାରଣ କରିବାବେଳେ ଯାହା ଖର୍ଚ୍ଚ ହେବ" ଶବ୍ଦଗୁଡିକ ବଦଳେ "ସେପରି ଉନ୍ନୟନ ଅପସାରଣ କରିବେ ବା କରାଇବେ ବା ସିଲ୍ କରିବେ ବା ସିଲ୍ କରାଇବେ ଏବଂ ସେଥି ସକାଶେ ହୋଇଥିବା ଖର୍ଚ୍ଚ" ଶବ୍ଦଗୁଡିକ ପ୍ରତିସ୍ଥାପିତ ହେବ ।

ଧାରା ୭୨ର ସଂଶୋଧନ ।

**29.** ମୂଳ ଅଧିନିୟମର ଧାରା-୭୨ର ଉପଧାରା(୨)ରେ

"ବରାଦରେ ବିନିର୍ଦ୍ଦିଷ୍ଟ ହେବାମତେ ସେପରି ସମୟ ମଧ୍ୟରେ ବାହାର କରିଦେବାକୁ" ଶବ୍ଦଗୁଡିକ ପରେ "ଓ ସେପରି ଉନ୍ନୟନ ସ୍ଥାନ ସିଲ୍ କରିବା ସୁନିଶ୍ଚିତ କରିବାକୁ" ଶବ୍ଦଗୁଡିକ ଅନ୍ତଃସ୍ଥାପିତ ହେବ ।

ଧାରା 102ର ସଂଶୋଧନ ।

**30.** ମୂଳ ଅଧିନିୟମର ଧାରା-102ର ଶେଷରେ ଥିବା "ବକେୟା ଭୂ-ରାଜସ୍ୱଭାବେ ପ୍ରାଧିକାରୀଙ୍କଦ୍ୱାରା ଅସୁଲଯୋଗ୍ୟ ହେବ" ଶବ୍ଦଗୁଡିକପରେ "ଏବଂ ରାଜ୍ୟସରକାର, ପ୍ରାଧିକାରୀଙ୍କ ଜଣେ ଅଧିକାରୀଙ୍କୁ ସାର୍ଟିଫିକେଟ୍ ଅଧିକାରୀଭାବେ ନିଯୁକ୍ତ କରିପାରିବେ, ଯେ କି, ପ୍ରାଧିକାରୀଙ୍କ ସେପରି ଦେୟ ଆଦାୟ କରିବାକୁ ଓଡିଶା ସରକାରୀ ପାଉଣା ଆଦାୟ ଅଧିନିୟମ, 1962 ର ବ୍ୟବସ୍ଥା ଗୁଡିକର ଅର୍ଥ ମଧ୍ୟରେ ସାର୍ଟିଫିକେଟ୍ ଅଧିକାରୀଭାବେ ବିବେଚିତ ହେବେ" ଶବ୍ଦଗୁଡିକ ଅନ୍ତଃସ୍ଥାପିତ ହେବ ।

ଧାରା 111ର ସଂଶୋଧନ ।

**31.** ମୂଳ ଅଧିନିୟମର ଧାରା-111ର

(କ) ଉପଧାରା(1) ରେ "ଧାରା 6 ଅନୁଯାୟୀ ଗଠିତ କମିଟି" ଶବ୍ଦଗୁଡିକପରେ "ବା ଧାରା 6(କ) ଅନୁଯାୟୀ ଗଠିତ ସ୍ୱତନ୍ତ୍ର ଲକ୍ଷ୍ୟସାଧନ ସଂସ୍ଥା ବା ଧାରା 3(କ) ଅନୁଯାୟୀ ଚିହ୍ନିତ ସ୍ୱତନ୍ତ୍ର ଯୋଜନା ପ୍ରାଧିକାରୀ" ଶବ୍ଦଗୁଡିକ ଅନ୍ତଃସ୍ଥାପିତ ହେବ, ଏବଂ

(ଖ)ଉପଧାରା(2)ରେ "ସେପରି ଅଧିକାରୀଙ୍କ ଦ୍ୱାରା" ଶବ୍ଦଗୁଡିକ ପରେ "ବା ଉକ୍ତ ଉଦ୍ଦେଶ୍ୟରେ ସରକାରଙ୍କଦ୍ୱାରା ଗଠିତ ହେବାକୁଥିବା ସେପରି କମିଟି ଦ୍ୱାରା" ଶବ୍ଦଗୁଡିକ ଅନ୍ତଃସ୍ଥାପିତ ହେବ ।

ଧାରା 119ର ସଂଶୋଧନ ।

**32.** ମୂଳ ଅଧିନିୟମର ଧାରା-119ର ଉପଧାରା(2) ପରେ ନିମ୍ନଲିଖିତ ଉପଧାରାଟି ଅନ୍ତଃସ୍ଥାପିତ ହେବ, ଯଥା:-

(3) ଅଧିକାର ଅଭିଲେଖରେ ଚାଷ ଜମିଭାବେ ଅଭିଲିଖିତ ହୋଇଥିବା ଓ ସହର ଯୋଜନା ପରିକଳ୍ପନା ବିକାଶ ଯୋଜନା, ଭୂମି ଗ୍ରହଣ ପରିକଳ୍ପନା ଅନୁଯାୟୀ ଚିହ୍ନିତ ଓ ଅନୁମୋଦିତ ହୋଇଥିବା ଏବଂ ଏହି ଅଧିନିୟମର ଧାରା 16 ର ବ୍ୟବସ୍ଥା ଗୁଡିକ ଅନୁଯାୟୀ ଅନୁମତି ପାଇଥିବା ଏକ ଚୂଡାନ୍ତ ପ୍ଲଟ୍ ଉପରେ ଉନ୍ନୟନ କାର୍ଯ୍ୟ କରିବାକୁ ଅନୁମତି ଚାହୁଁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଓଡିଶା ଭୂ-ସଂସ୍କାର ଅଧିନିୟମ 1960ର ଧାରା 8(କ) ଓ ତଦଧୀନ ପ୍ରଣୀତ ନିୟମାବଳୀ ଅନୁଯାୟୀ କୃଷିଭିନ୍ନ ଅନ୍ୟ କୌଣସି ଉଦ୍ଦେଶ୍ୟରେ ଭୂମି ଉପଯୋଗର

ରୂପାନ୍ତରଣପାଇଁ ଏକ ଲିଖିତ ଅନୁମତି ଆବଶ୍ୟକ ହେବ ନାହିଁ କିନ୍ତୁ ସେ ସେହି ଅଧିନିୟମର ଧାରା ୪(କ) ରେ ଥିବା ବ୍ୟବସ୍ଥା ହାରରେ ରୂପାନ୍ତରଣ ଫିସ୍ ଦେବେ ଯାହାକି ଧାରା 77ର ଉପଧାରା (5-କ)ରେ ସୂଚୀତ ବିସ୍ତୃତ ଉନ୍ନୟନ ଯୋଜନା ଭିତ୍ତିଭୂମି ଉନ୍ନୟନ ପାଣ୍ଠିରେ ଜମା କରାଯିବ ।

ଧାରା 124ର ସଂଶୋଧନ ।

33. ମୂଳ ଅଧିନିୟମର ଧାରା 124ରେ ଉପଧାରା(2)ରେ ଖଣ୍ଡ (xxii) ବଦଳେ ନିମ୍ନଲିଖିତ ଖଣ୍ଡଟି ପ୍ରତିସ୍ଥାପିତ ହେବ, ଯଥା:-

"(xxii) ନିମ୍ନଲିଖିତ ବିଷୟ ସଂକ୍ରାନ୍ତରେ ଯେଉଁ ନୀତି ଓ ମାର୍ଗଦର୍ଶିକା ଗୁଡ଼ିକ ଅନୁସାରେ ଉନ୍ନୟନ କାର୍ଯ୍ୟ କରାଯିବ ବା ବିନିୟମିତ ହେବ ସେଗୁଡ଼ିକ ହେଲା:-

(କ) ଟ୍ରା ନ୍‌ଜିଟ୍ ଓରିଏନ୍‌ଟେଡ୍ ଉନ୍ନୟନ, ଆର୍ଦ୍ରଭୂମି ଉନ୍ନୟନ, ଜଳପ୍ରବଣ ଯୋଜନା ଓ ନକ୍ସା,

(ଖ) ପୌର ନକ୍ସା ଓ ନିର୍ମାଣ ମାର୍ଗ ଦର୍ଶିକା,

(ଗ) ଷ୍ଟ୍ରୀଟ୍ ନକ୍ସା ମାର୍ଗଦର୍ଶିକା ସମେତ ଦୀର୍ଘକାଳୀନ ଉନ୍ନୟନ ଓ ପୌର ପରିବହନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସର୍ତ୍ତାବଳୀ ଓ କଟକଣା ଓ ତାହା କାର୍ଯ୍ୟକାରୀ କରିବାପାଇଁ ଆନୁଷ୍ଠାନିକ ଢାଞ୍ଚା ବିହିତ କରିବା, ଓ

(ଘ) ଏକ ଉନ୍ନୟନ କ୍ଷେତ୍ର ବା ଉନ୍ନୟନ କ୍ଷେତ୍ରର କୌଣସି ଭାଗରେ ବା ଯଥାସ୍ଥିତି, ସ୍ୱତନ୍ତ୍ର ଯୋଜନା କ୍ଷେତ୍ରରେ ଯେଉଁ ବିଶେଷ ନିର୍ବନ୍ଧନ ଓ କଟକଣା ଅନୁସାରେ ଉନ୍ନୟନ କାର୍ଯ୍ୟ କରାଯିବ ବା ବିନିୟମିତ ହେବ ।

(xxiii) ଅନ୍ୟ କୌଣସି ବିଷୟ ଯାହା ବିନିୟମ ଦ୍ୱାରା ବିହିତ କରିବାକୁ ପଡିବ ବା ପଡିପାରେ ।" ।

# ଉଦ୍ଦେଶ୍ୟ ଓ କାରଣ କଥନ

ଯେଉଁସବୁ କାରଣରୁ ଓଡିଶା ଉନ୍ନୟନ ପ୍ରାଧିକରଣ ଅଧିନିୟମ,1982(1982ର ଓଡିଶା ଅଧିନିୟମ14) ରେ ସଂଶୋଧନ ଆଣି ପରିବର୍ତ୍ତନର ଆବଶ୍ୟକତା ଅନୁଭୂତ ହେଉଛି ସେଗୁଡ଼ିକ ହେଲା, ପ୍ରାଧିକରଣ ଗୁଡ଼ିକର ଗଠନ ଓ ପ୍ରଶାସନ, ଉନ୍ନୟନ ଯୋଜନା ଓ ଭୂମି ଉନ୍ନୟନର ପ୍ରସ୍ତୁତିର ଢାଞ୍ଚା, ଯୋଜନାମତେ ଉନ୍ନୟନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଭୂମି ଏକତ୍ରୀ କରଣ ପଦ୍ଧତି, ସମସ୍ତଙ୍କ ପାଇଁ ବାସ ସୁବିଧା ଉଦ୍ଦେଶ୍ୟ ସାଧନ ଲାଗି ସୁଲଭମୂଲ୍ୟରେ ବାସଗୃହ ଯୋଗାଇଦେବା, ଉନ୍ନୟନ ଯୋଜନା ଗୁଡ଼ିକର ରୂପାୟନ ପାଇଁ ପ୍ରାଧିକାରୀଙ୍କୁ ଭୂମି ଓ ଅର୍ଥର ସୁବ୍ୟବସ୍ଥା ଓ ଅଧିନିୟମରେ ଥିବା ପ୍ରବର୍ତ୍ତନ କଳର ବ୍ୟବସ୍ଥା ଗୁଡ଼ିକ ସୁଦୃଢ଼ କରିବା ।

**1. ପ୍ରାଧିକରଣର ଗଠନ ଓ ପ୍ରଶାସନ:**

ଦୁଇ ବା ତତୋଧିକ ପ୍ରାଧିକାରୀଙ୍କୁ ଗୋଟିଏ ପ୍ରାଧିକାରୀରେ ମିଶ୍ରଣ, ପ୍ରାଧିକାରୀଗୁଡିକରେ ଜଣେ ପରିବେଶ ସଦସ୍ୟ ଓ ଦୁଇଜଣ ଯାଏଁ ଅତିରିକ୍ତ ସଦସ୍ୟଙ୍କ ନିଯୁକ୍ତି ପାଇଁ ବ୍ୟବସ୍ଥାରଖି ପ୍ରସ୍ତାବ ଦିଆଯାଇଛି । ଉନ୍ନୟନ ପ୍ରାଧିକାରୀମାନଙ୍କ ଅଧିକାରିତା ମଧ୍ୟରେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବ୍ୟାପକ ଉନ୍ନୟନ କାର୍ଯ୍ୟ ହାତକୁ ନେବା ସକାଶେ ସ୍ୱତନ୍ତ୍ର ଲକ୍ଷ୍ୟ ସାଧନ ସଂସ୍ଥା ଓ ବିଶେଷ ଯୋଜନା ପ୍ରାଧିକାରୀ ର ଗଠନ ପାଇଁ ବ୍ୟବସ୍ଥା ରଖାଯାଇଛି । ଏହି ସଂଶୋଧନ ଗୁଡ଼ିକ ପୌର ଉନ୍ନୟନ କ୍ଷେତ୍ରରେ ଘରୋଇ ସଂସ୍ଥାମାନଙ୍କ ଅଂଶଗ୍ରହଣ କରିବା ବିଷୟକୁ ମଧ୍ୟ ସୁଗମିତକରିବ ।

ଗୋଟିଏ ପ୍ରାଧିକାରୀର କର୍ମଚାରୀମାନଙ୍କୁ ଅନ୍ୟ ସ୍ଥାନୀୟ ନିକାୟ ବା ରାଜ୍ୟ ସରକାରଙ୍କ ବିଭାଗ ଗୁଡ଼ିକୁ ବା ଏଜେନ୍ସି ଗୁଡ଼ିକୁ ଡ଼େପୁଟେସନ୍ ଭିତ୍ତିରେ ବଦଳି କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି ।

**2. ଉନ୍ନୟନ ଯୋଜନା ଓ ଭୂମି ଉନ୍ନୟନ:**

ବିସ୍ତୃତ ଉନ୍ନୟନ ଯୋଜନା ଓ ଆଞ୍ଚଳିକ ଉନ୍ନୟନ ଯୋଜନାର ପରିସର ମଧ୍ୟରେ ସ୍ଥାନୀୟ ଉନ୍ନୟନ ଯୋଜନା ନାମକ ମାଇକ୍ରୋ ଲେଭେଲ ଯୋଜନା ର ପ୍ରସ୍ତୁତି ପାଇଁ ପ୍ରସ୍ତାବ ଦିଆଯାଇଛି । ଦ୍ୱିତୀୟରେ ଘରୋଇ ଉନ୍ନୟନକାରୀ ମାନଙ୍କ ଦ୍ୱାରା ଉନ୍ନୟନ କରାଯାଇଥିବା ଭୂଖଣ୍ଡ ଗୁଡ଼ିକୁ ମିଶ୍ରଣ କରି ପ୍ଲଟ ଉନ୍ନୟନ ପରିକଳ୍ପନା ପାଇଁ ଲେଆଉଟ ଅନୁମୋଦନର ବ୍ୟବସ୍ଥା ରଖିବା ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଉଛି ।

**3. ଭୂମି ଏକତ୍ରୀକରଣ ପଦ୍ଧତି :**

ବିସ୍ତୃତ ଉନ୍ନୟନ ଯୋଜନାର ରୂପାୟନ କରି ଓ ଯୋଜନା ମତେ ଉନ୍ନୟନ ହାସଲ ସକାଶେ ଭୂମି ଗ୍ରହଣ ପରିକଳ୍ପନା, ଅନ୍ତରଣୀୟ ଉନ୍ନୟନ ଅଧିକାର ଓ ବାସ ସୁବିଧାର ଆରକ୍ଷଣ ପରି ବିଭିନ୍ନ ଉପାୟମାନ ପ୍ରସ୍ତାବ ରଖାଯାଇ ସଂଶୋଧନ ଜରିଆରେ ଅଧିନିୟମରେ ବ୍ୟବସ୍ଥା ପାଇଁ ପ୍ରସ୍ତାବ

ରହିଛି । ସେହିପରି ଅନ୍ୟାନ୍ୟ ରାଜ୍ୟରେ ପ୍ରଚଳିତ ସର୍ବୋତ୍ତମ କାର୍ଯ୍ୟକ୍ରମ ସହିତ ସମାନତା ଆଣିବା ସକାଶେ ସହର ଯୋଜନା ପରିକଳ୍ପନା ଗୁଡ଼ିକ ସଂମ୍ପର୍କିତ ବ୍ୟବସ୍ଥା ଗୁଡ଼ିକରେ ସଂଶୋଧନ ପ୍ରସ୍ତାବ ମଧ୍ୟ ଦିଆଯାଇଛି ।

**4. ସୁଲଭମୂଲ୍ୟରେ ବାସଗୃହ ଯୋଗାଇଦେବା :**

ସମସ୍ତଙ୍କ ପାଇଁ ବାସଗୃହ ଉଦ୍ଦେଶ୍ୟ ସାଧନ ଲାଗି ସୁଲଭ ମୂଲ୍ୟରେ ବାସଗୃହ ପରିଯୋଜନା ପାଇଁ ଉନ୍ନୟନ ଯୋଜନା ଗୁଡ଼ିକରେ ଖାଲିଥିବା ଭୂମିର ଶତକଡା 20 ଭାଗ ଭୂମି ବାସଗୃହପାଇଁ ବ୍ୟବହାର ଭୂମିଭାବେ ଚିହ୍ନିତ କରି ରଖିବାପାଇଁ ସଂଶୋଧନରେ ପ୍ରସ୍ତାବ ଦିଆଯାଇଛି । ଏକକ ଦରଖାସ୍ତ ଫର୍ମ ପଦ୍ଧତିରେ ବିଲ୍ଡିଂ ପ୍ଲାନର ଅନୁମୋଦନ ଅତିଶୀଘ୍ରଦେବା ସକାଶେ ସିଙ୍ଗଲ୍ ୱିଣ୍ଡୋ ସୁବିଧା ପ୍ରଚଳନକରିବା ଓ ଯଦି ପ୍ଲାନ୍ ବିହିତ ମାନ ପୂରଣକରୁଥିବ ତେବେ କମ୍ ବିପଦର ଆଶଂକା ଥିବା ଉନ୍ନୟନ କାର୍ଯ୍ୟ ସକାଶେ, ନିର୍ମାଣ ପୂର୍ବରୁ , ଅଧିଭୋଗ ପ୍ରମାଣପତ୍ର ମଂଜୁରି ଓ ବ୍ୟବହୃତ ଭୂମିରେ ପରିବର୍ତ୍ତନର ଦ୍ୱୈତ ନିୟନ୍ତ୍ରଣ ହଟାଇବା ସକାଶେ ପ୍ରାଧିକାରୀଙ୍କ ପୂର୍ବ ଅନୁମୋଦନ ନେବାରୁ ଛାଡ କରିବାକୁ ପ୍ରସ୍ତାବ ଦିଆଯାଇଛି ।

**5. ଭୂମିର ବ୍ୟବସ୍ଥା ଓ ବିସ୍ତୃତ ଉନ୍ନୟନ ଯୋଜନାର ରୂପାୟନ ପାଇଁ ଅର୍ଥ:**

ଉନ୍ନୟନ ପ୍ରାଧିକାରୀମାନଙ୍କ ଦ୍ୱାରା ଚଳାଯିବାକୁ ଥିବା ଭୂମି ବ୍ୟାଙ୍କର ଗଠନ ଓ ପ୍ରତ୍ୟେକ ପ୍ରାଧିକାରୀଙ୍କ ଦ୍ୱାରା ବିସ୍ତୃତ ଉନ୍ନୟନ ଯୋଜନା ଭିତ୍ତିଭୂମି ଉନ୍ନୟନ ପାଣ୍ଠି (ସିଆଇଡିଏଫ)ର ଗଠନ ପାଇଁ ନୂତନ ବ୍ୟବସ୍ଥାଗୁଡ଼ିକ ସକାଶେ ପ୍ରସ୍ତାବ ଦିଆଯାଇଛି । ଉନ୍ନୟନ ଚାର୍ଜ ଗୁଡ଼ିକୁ ଅଧିକ ନମନୀୟ ଓ ରୂପାୟନକ୍ଷମ କରିବାକୁ ବ୍ୟବସ୍ଥା କରିବା ସକାଶେ ପ୍ରସ୍ତାବ ମଧ୍ୟ ଦିଆଯାଇଛି । ବ୍ୟବସାୟ ଉଦ୍ଦେଶ୍ୟରେ ବ୍ୟବହୃତ ବିଲ୍ଡିଂ, ଆପାର୍ଟମେଣ୍ଟ,ବହୁତଳ ପ୍ରାସାଦ ଉପରେ ନଗର ଭିତ୍ତିଭୂମି ପ୍ରତିଫଳ ଫିସ୍ ଲେଭିକରିବାକୁ ବ୍ୟବସ୍ଥା ରଖିବାକୁ ପ୍ରସ୍ତାବ ରହିଛି । ଉନ୍ନୟନ ଯୋଜନା ଗୁଡ଼ିକୁ କାର୍ଯ୍ୟକାରୀ କରିବା ସକାଶେ ପ୍ରାଧିକାରୀଗୁଡ଼ିକ ଭୂମି ଓ ଅର୍ଥ ପାଇବାରେ ଏହା ସହାୟକ ହେବ । ଯୋଜନା ଓ ବିଲ୍ଡିଂ ଷ୍ଟାଣ୍ଡାର୍ଡ ବିନିମାବଳୀର ବ୍ୟବସ୍ଥା ଗୁଡ଼ିକୁ ଫଳପ୍ରଦଭାବେ କାର୍ଯ୍ୟକାରୀ କରିବା ସକାଶେ ଅପ୍ରାଧିକୃତ ନିର୍ମାଣର ଅପସାରଣ ପୂର୍ବରୁ ଯଦି ଆବଶ୍ୟକ ହେବ ତେବେ ଅପ୍ରାଧିକୃତ ପରିସର ଗୁଡ଼ିକୁ ସିଲ୍ କରିଦେବାପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି ।

ବିଧେୟକଟି ଉପରୋକ୍ତ ଉଦ୍ଦେଶ୍ୟ ସାଧନ ଲାଗି ଉଦ୍ଦିଷ୍ଟ ।

ପୁଷ୍ପେନ୍ଦ୍ର ସିଂଦେଓ
ଭାରପ୍ରାପ୍ତ ସଦସ୍ୟ

# ଅନୁଲଗ୍ନ

[ଓଡ଼ିଶା ଉନ୍ନୟନ ପ୍ରାଧିକରଣ ଅଧିନିୟମ,1982(1982ର ଓଡ଼ିଶା ଅଧିନିୟମ 14)ରୁ ଉଦ୍ଧୃତ]

ସଂଜ୍ଞା

2. ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ଅଧିନିୟମରେ-

xx xx xx xx

(xv) "ଚୂଡାନ୍ତ ପ୍ଲଟ " ଅର୍ଥ ମୂଳ ପ୍ଲଟରୁ ପୁନର୍ଗଠିତ ଓ କୌଣସି ସହର ଯୋଜନା ପରିକଳ୍ପନାରେ ଏକ ଚୂଡାନ୍ତ ପ୍ଲଟ ରୂପେ ଆବଣ୍ଟିତ ଏକ ପ୍ଲଟ,

xx xx xx xx

(xii) "ପୌର ସ୍ଥାନୀୟ ନିକାୟ" ଅର୍ଥ ଓଡିଶା ପୌର ଅଧିନିୟମ,1950 (1950ର ଓଡିଶା ଅଧିନିୟମ 23) ଅନୁଯାୟୀ ଗଠିତ ଏକ ପୌର ପରିଷଦ ବା ଏକ ଅଧିସୂଚୀତ କ୍ଷେତ୍ର ପରିଷଦ ।

ଉନ୍ନୟନ କ୍ଷେତ୍ର ଗୁଡିକର ଘୋଷଣା ଓ ଉନ୍ନୟନ ପ୍ରାଧିକାରୀର ଗଠନ ।

3. (1) xx xx xx xx

(2) xx xx xx xx

(3)ଉପଧାରା(1) ଅନୁଯାୟୀ ଏକ ଉନ୍ନୟନ କ୍ଷେତ୍ରର ଘୋଷଣା ପରେ ଯଥା ସମ୍ଭବ ଶୀଘ୍ର, ରାଜ୍ୟସରକାର, ଅଧିସୂଚନା ଦ୍ୱାରା, ସେଥିରେ ଯେପରି ବିନିର୍ଦ୍ଦିଷ୍ଟ ହେବ, ସେହି ତାରିଖ ଠାରୁ, ଉକ୍ତ ଉନ୍ନୟନ କ୍ଷେତ୍ର ନିମନ୍ତେ ଉନ୍ନୟନ ପ୍ରାଧିକାରୀ ଗଠନ କରିବେ ।

(4) xx xx xx xx

(5) "ପ୍ରାଧିକାରୀ " ଟି ନିମ୍ନଲିଖିତ ସଦସ୍ୟମାନଙ୍କୁ ନେଇ ଗଠିତ ହେବ, ଯଥା:-

(କ) ଜଣେ ଚେୟାରମ୍ୟାନ, ଯେ କି, ରାଜ୍ୟସରକାରଙ୍କ ଦ୍ୱାରା ନିଯୁକ୍ତ ହେବେ;

xx xx xx xx

(ଚ) ଜଣେ ସହରାଞ୍ଚଳ ଡିଜାଇନର ବା ସ୍ଥପତି ସଦସ୍ୟ, ଯେକି, ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ହେବେ;

xx xx xx xx

(ଜ)ଉନ୍ନୟନ କ୍ଷେତ୍ର ମଧ୍ୟରେ ଥିବା ପୌରସ୍ଥାନୀୟ ନିକାୟଗୁଡିକର ଚେୟାରମ୍ୟାନ, ପଦପ୍ରଯୁକ୍ତ ସଦସ୍ୟ ।

xx xx xx xx

ପ୍ରାଧିକାରୀର ଆଭିମୁଖ୍ୟ ।

7. ପ୍ରାଧିକାରୀର ଆଭିମୁଖ୍ୟ ହେଉଛି, ଯୋଜନା ଅନୁସାରେ ସଂପୃକ୍ତ ଉନ୍ନୟନ କ୍ଷେତ୍ର ମଧ୍ୟରେ ଥିବା ସମସ୍ତ ବା ଯେକୌଣସି କ୍ଷେତ୍ରର ଉନ୍ନୟନକୁ ପ୍ରୋତ୍ସାହିତ କରିବା ବା ସୁରକ୍ଷିତ କରିବା ଏବଂ ସେହି ଉଦ୍ଦେଶ୍ୟରେ ପ୍ରାଧିକାରୀ ଭୂମି ବା ଅନ୍ୟ ସଂପତ୍ତି ଅର୍ଜନ, ଧାରଣ, ପରିଚାଳନା ବା ବିକ୍ରୟ କରିବାକୁ, କୋଠାଘର, ଇଂଜିନିୟରିଂ, ଖଣି ବା ଅନ୍ୟ କାର୍ଯ୍ୟ କରିବାକୁ, ଜଳ ଓ ବିଜୁଳି ଯୋଗାଣ,ନର୍ଦ୍ଦମା ନିଷ୍କାସନ ଓ ଅନ୍ୟାନ୍ୟ ସେବା ଓ ସୁଖ ସ୍ୱାଛନ୍ଦ୍ୟ ସଂପର୍କିତ କାର୍ଯ୍ୟ ନିଷ୍ପାଦନ କରିବାକୁ ଏବଂ ସାଧାରଣଭାବରେ ସେପରି ଉନ୍ନୟନ ଉଦ୍ଦେଶ୍ୟରେ ଆବଶ୍ୟକ ବା ସମୀଚୀନ ଏବଂ ତତ୍ ଆନୁଷଙ୍ଗିକ ଉଦ୍ଦେଶ୍ୟରେ ଯେକୌଣସି କାର୍ଯ୍ୟ(ଉନ୍ନୟନର ନିୟନ୍ତ୍ରଣ ଓ ସଂପୃକ୍ତ ଏଜେନ୍ସିଗୁଡ଼ିକର ଉନ୍ନୟନ କାର୍ଯ୍ୟକ୍ରମର ସମନ୍ୱୟ ରକ୍ଷାକରିବା ସମେତ) କରିବାକୁ ପ୍ରାଧିକାରୀଙ୍କର କ୍ଷମତା ରହିବ:

ପରନ୍ତୁ ଏହି ଅଧିନିୟମରେ ଅନ୍ୟଥା ବ୍ୟବସ୍ଥା କରାଯାଇଥିବା ବ୍ୟତିରେକେ, ଏହି ଅଧିନିୟମରେ ଥିବା କୌଣସି ବିଷୟ,ତତ୍ ସମୟେ ବଳବତ୍ତର ଥିବା କୌଣସି ବିଧିକୁ ପ୍ରାଧିକାରୀ ଦ୍ୱାରା ଅବମାନନା କରିବାକୁ ପ୍ରାଧିକାର ଦେଉଛି ବୋଲି ଅର୍ଥ କରାଯିବ ନାହିଁ ।

XX XX XX XX

ବିନା ଅନୁମତିରେ ଉନ୍ନୟନ ନିଷେଧ ।

15. (1) XX XX XX XX

(i) ପ୍ରାଧିକାରୀଙ୍କ ଠାରୁ ଲିଖିତ ଅନୁମତି ଆଣି ସେ ଯେଉଁ ଭୂମିକୁ ପୁନର୍ବିଭାଜନ ପାଇଁ ଅଭିପ୍ରାୟ ରଖିଥିବେ ତାହାର ସମସ୍ତ ପ୍ଲଟକୁ ନିର୍ଦ୍ଧାରଣ ନକରନ୍ତି ଓ ସମସ୍ତ ପ୍ଲଟକୁ ଯାତାୟତ ସୁବିଧା ଓ ଯାତାୟତ ଅଧିକାର ଦେଇ ଏକ ବିଦ୍ୟମାନ ସର୍ବସାଧାରଣ ବା ଘରୋଇ ଷ୍ଟ୍ରିଟ ସହିତ ସଂଯୋଗ ହୋଇପାରିବାପରି ଷ୍ଟ୍ରିଟ ବା ଷ୍ଟ୍ରିଟମାନ ତିଆରି ନକରନ୍ତି ଏବଂ କାର୍ଯ୍ୟକାରୀ ହେଉଥିବା ଉନ୍ନୟନ ଯୋଜନାରେ ବା ଏତଦୁପଲକ୍ଷ୍ୟେ ପ୍ରଣୀତ ଯୋଜନା ଓ କୋଠାଘରର ମାନ ସଂପର୍କିତ ବିନିୟମାବଳୀରେ ଯଦି କୌଣସି ସୁବିଧା ଯୋଗାଇ ଦେବା ପାଇଁ ବିନିର୍ଦ୍ଦିଷ୍ଟ ହୋଇଥାଏ, ତେବେ ତାହା ଯୋଗାଇ ନଦିଅନ୍ତି ତେବେ ସେ ଉକ୍ତ ଭୂମିର ଉପଯୋଗ, ବିକ୍ରୟ, ଲିଜ୍ ବା ତାହାକୁ ଅନ୍ୟଥା ହସ୍ତାନ୍ତର କରିବା ପାଇଁ ତାହାକୁ ପୁନର୍ବିଭାଜନ କରିବେ ନାହିଁ ।

XX XX XX XX

ଅନୁମତି ପାଇଁ ଦରଖାସ୍ତ ।

16 (1)କେନ୍ଦ୍ରସରକାର ବା କୌଣସି ରାଜ୍ୟସରକାରଙ୍କର କୌଣସି ବିଭାଗ ବା କୌଣସି ବିଧି ଅନୁଯାୟୀ ଗଠିତ ଏକ ସ୍ଥାନୀୟ ପ୍ରାଧିକାରୀ ବା ଏକ ନିଗମ ନିକାୟ,—

(କ)ତାହାଙ୍କ ଭୂମିକୁ ଉପଯୋଗ, ବିକ୍ରୟ, ଲିଜ୍ ଦେବା ବା ଅନ୍ୟଥା ତାହାକୁ ହସ୍ତାନ୍ତର କରିବା ସକାଶେ ପୁନର୍ବିଭାଜନ କରିବା ପାଇଁ ଅଭିପ୍ରାୟ କରନ୍ତି ;ବା

xx xx xx xx

(2) xx xx xx xx

(3) ଉପଧାରା(1) ଅନୁଯାୟୀ ଅନୁମତି ପାଇଁ ଏକ ଦରଖାସ୍ତ ପାଇଲେ ପ୍ରାଧିକାରୀ ଦରଖାସ୍ତକାରୀଙ୍କୁ ତାହାର ଲିଖିତ ପ୍ରାପ୍ତିସ୍ୱୀକାର କରିବେ ଏବଂ କାର୍ଯ୍ୟକାରୀ ହେଉଥିବା ଉନ୍ନୟନ ଯୋଜନା ସଂପର୍କରେ ବା ଯୋଜନା ଓ କୋଠାଘରର ମାନ ସଂପର୍କିତ ବିନିୟମାବଳୀ ସଂପର୍କରେ ବା ବିନିୟମାବଳୀରେ ବିହିତ ହେବା ମତେ ସେପରି ଅନ୍ୟ କୌଣସି ବିଷୟ ସଂପର୍କରେ ବିନିର୍ଦ୍ଦିଷ୍ଟ କୌଣସି ବିଷୟରେ ସେ ଯେପରି ମନେ କରିବେ ସେପରି ତଦନ୍ତ କରିବା ପରେ, ଲିଖିତ ଆଦେଶ ଦ୍ୱାରା, ସେ ଏକେତ ଆଦେଶରେ ଯେପରି ବିନିର୍ଦ୍ଦିଷ୍ଟ ହୋଇପାରେ ସେପରି ସର୍ତ୍ତର ସାପେକ୍ଷତାରେ ଅନୁମତି ମଞ୍ଜୁର କରିବେ ଅଥବା ସେପରି ଅନୁମତି ମଞ୍ଜୁର କରିବା ପାଇଁ ପ୍ରତ୍ୟାଖ୍ୟାନ କରିବେ :

ପରନ୍ତୁ ଯେବେ ଅଧାୟ ixର ବ୍ୟବସ୍ଥାମାନ ପ୍ରାଧିକାରୀର ଅଧିକାରିତା ମଧରେ ଥିବା କୌଣସି କ୍ଷେତ୍ର ପ୍ରତି ପ୍ରଯୁଜ୍ୟ ହେଉଥାଏ ଏବଂ ଉପଧାରା(1)ଅନୁଯାୟୀ ଅନୁମତି ନିମନ୍ତେ ଦରଖାସ୍ତଟି ସେପରି କ୍ଷେତ୍ର ସଂପର୍କିତ ହୋଇଥାଏ, ତେବେ, ଯେଉଁ ଭୂମି ବା କୋଠାଘର ସଂପର୍କରେ ଅନୁମତି ମଗାଯାଉଥିବ, ସେ ସଂପର୍କିତ ଯଦି କିଛି ଉନ୍ନୟନ ଦେୟ ଥାଏ, ତାହା ପ୍ରଦାନ କରାନଗଲେ ପ୍ରାଧିକାରୀ ଅନୁମତି ମଞ୍ଜୁର କରିବେ ନାହିଁ ।

xx xx xx xx

xx xx xx xx

ଚିଠାସହର ଯୋଜନା ପରିକଳ୍ପନାର ପ୍ରକାଶନପରେ ଭୂମିର ବ୍ୟବହାର ଓ ଉନ୍ନୟନ ଉପରେ କଟକଣା ।

32. (1) ଧାରା 24ର ଉପଧାରା(3)ର ଖଣ୍ଡ(କ) ଅନୁଯାୟୀ ଏକ ଚିଠା ସହର ଯୋଜନା ପରିକଳ୍ପନା ଯେଉଁ ତାରିଖରେ ପ୍ରକାଶିତ ହେବ ସେହି ତାରିଖରୁ ବା ପରେ, ପରିକଳ୍ପନାରେ ଅନ୍ତର୍ଭୁକ୍ତ କ୍ଷେତ୍ର ମଧରେ

କୌଣସି ବ୍ୟକ୍ତି କୌଣସି ଉନ୍ନୟନ କାର୍ଯ୍ୟ କରିବେନାହିଁ ଯଦି ସେପରି ବ୍ୟକ୍ତି ନିୟମାବଳୀ ଦ୍ୱାରା ବିହିତ ଫର୍ମରେ ପ୍ରାଧିକାରୀଙ୍କ ଠାରୁ ସେପରି କରିବାକୁ ଦରଖାସ୍ତକାରି ଆବଶ୍ୟକ ଅନୁମତି ଆଣିନଥିବେ ।

[ (2) xx xx xx xx]

xx xx xx xx

xx xx xx xx

ମୂଲ୍ୟାୟନ ଅଧିକାରୀଙ୍କ ନିଯୁକ୍ତି ।

33. (1)ଯେଉଁ ତାରିଖରେ ଏକ ଚିଠା ସହର ଯୋଜନା ପରିକଳ୍ପନା ରାଜ୍ୟସରକାର ମଂଜୁର କରି ଗେଜେଟରେ ଅଧିସୂଚୀତ କରିବେ ସେହି ତାରିଖଠାରୁ ଏକ ମାସ ମଧରେ ରାଜ୍ୟ ସରକାର, ସେପରି ସହର ଯୋଜନା ପରିକଳ୍ପନା ଉଦ୍ଦେଶ୍ୟରେ ନିୟମାବଳୀ ଦ୍ୱାରା ବିହିତ ହେବାମତେ ସେପରି ଯୋଗ୍ୟତା ଥିବା ଜଣେ ମୂଲ୍ୟାୟନ ଅଧିକାରୀଙ୍କୁ ନିଯୁକ୍ତ କରିବେ ଓ ଆବଶ୍ୟକ ହେବା ମତେ ସେପରି ସଂଖ୍ୟକ ଅଧିକାରୀ ଓ କର୍ମଚାରୀ ଯୋଗାଇଦେବେ ଓ ଏହାପରେ ଯାହା ଉଲ୍ଲିଖିତ ହୋଇଛି ତାହା ତାଙ୍କ କର୍ତ୍ତବ୍ୟ ହେବ ।

xx xx xx xx

ଅପିଲ ବୋର୍ଡର ଗଠନ ।

38. (1) xx xx xx xx

(2) xx xx xx xx

(3) ଓଡିଶା ଉଚ୍ଚତର ନ୍ୟାୟିକ ସେବା (ବରିଷ୍ଠ ବର୍ଗ)ର ଅଧିକାରୀମାନଙ୍କ ମଧରୁ ସଭାପତି ହେବେ ଓ ଭୂମି ମୂଲ୍ୟାୟନ, ସହର ଯୋଜନା ବା ସିଭିଲ ଇଂଜିନିଅରିଂରେ ଜ୍ଞାନ ଓ ଅଭିଜ୍ଞତା ଥିବା ବ୍ୟକ୍ତିମାନେ ସଦସ୍ୟ ହେବେ ।

xx xx xx xx

ପ୍ରାଧିକାରୀଙ୍କ ଦ୍ୱାରା ସଂପତ୍ତି ଅର୍ଜନ ।

74. କ୍ରୟ,ବଦଳ, ଉପହାର, ଲିଜ୍,ବନ୍ଧକ ବା ବିଧିଅନୁଯାୟୀ ଅନୁମତିଯୋଗ୍ୟ ଅନ୍ୟକୌଣସି ପଦ୍ଧତିରେ ପ୍ରାଧିକାରୀ ଅସ୍ଥାବର ବା ସ୍ଥାବର ସମ୍ପତ୍ତି ଅର୍ଜନ କରିପାରିବେ ।

xx xx xx xx

ଉନ୍ନୟନ ଚାର୍ଜର ଲେଭି ।

84. ଏହି ଅଧିନିୟମ ଓ ତଦଧୀନ ପ୍ରଣୀତ ନିୟମାବଳୀର ବ୍ୟବସ୍ଥାଗୁଡିକର ସାପେକ୍ଷତାରେ, ପ୍ରାଧିକାରୀ, ରାଜ୍ୟସରକାରଙ୍କ ପୂର୍ବ ଅନୁମତି କ୍ରମେ, ଅଧିସୂଚନା ଦ୍ୱାରା ତାହାଙ୍କ ଅଧିକାରିତାର ପରିସରଭୁକ୍ତ କ୍ଷେତ୍ରମଧ୍ୟରେ ଥିବା ଭୂମି ଓ ବିଲଡିଂ ଉପରେ, ଅବଧାରଣ ହେବା ମତେ ଧାରା 85 ରେ ବିନିର୍ଦ୍ଦିଷ୍ଟ ସର୍ବୋଚ୍ଚ ହାରରୁ ଅନଧିକ ସେପରି ହାରରେ ଏକ ଉନ୍ନୟନ ଚାର୍ଜ ଲେଭିକରିପାରିବେ:

ପରନ୍ତୁ ସଂପୃକ୍ତ କ୍ଷେତ୍ର ବା କ୍ଷେତ୍ରଗୁଡିକର ଭିନ୍ନଭିନ୍ନ ଭାଗପାଇଁ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର ସକାଶେ ଭିନ୍ନଭିନ୍ନ ହାରରେ ଉନ୍ନୟନ ଚାର୍ଜ ବିନିର୍ଦ୍ଦିଷ୍ଟ କରାଯାଇପାରିବ ।

ଉନ୍ନୟନ ଚାର୍ଜର ହାର ।

85. (1) xx xx xx xx

(2)ଉନ୍ନୟନ ଚାର୍ଜର ହାରଗୁଡିକ ଅବଧାରିତ ହେବ

(କ)ଭୂମିର ଉନ୍ନୟନ ସ୍ଥଳେ,ହେକ୍ଟର ପିଛା ବିନିର୍ଦ୍ଦିଷ୍ଟ ହେବା ଏକ ହାର;ଓ

(ଖ) ଏକ ବିଲ୍ଡିଂର ବିକାଶ ସ୍ଥଳେ, ବିଲ୍ଡିଂର ମେଜିଆ କ୍ଷେତ୍ରର ବର୍ଗମିଟର ପିଛା ବିନିର୍ଦ୍ଦିଷ୍ଟ ହେବା ଏକ ହାରରେ:

ପରନ୍ତୁ ସେପରି ହାର ଭୂମିର ଉନ୍ନୟନ ସ୍ଥଳେ ହେକ୍ଟର ପିଛା ଅନଧିକ ପଚାଶହଜାର ଟଙ୍କା ଓ ଏକ ବିଲ୍ଡିଂର ବିକାଶ ସ୍ଥଳେ ବର୍ଗମିଟର ପିଛା ଅନଧିକ ପନ୍ଦର ଟଙ୍କା ହେବ :

ଅଧିକନ୍ତୁ ଯେଉଁସ୍ଥଳେ କୋଠାଘରକୁ ଲାଗିଥିବା ଭୂମି କୋଠାଘର ଭିନ୍ନ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବ ସେହି ସ୍ଥଳେ ସେପରି ବ୍ୟବହାର ପାଇଁ ଉନ୍ନୟ୍ୟନ ଚାର୍ଜ ପୃଥକ୍ ଭାବରେ ମଧ ଲେଭି ହୋଇପାରିବ ।

xx xx xx xx

ଟ୍ରିବୁନାଲ

87. (1)ରାଜ୍ୟସରକାର, ଅଧିସୂଚନାଦ୍ୱାରା ଏକ ଟ୍ରିବୁନାଲ ଗଠନ କରିବେ, ଯହିଁରେ ଓଡିଶା ଉଚ୍ଚତର ନ୍ୟାୟିକସେବା (ବରିଷ୍ଠ ବର୍ଗ) ର ଅଧିକାରୀ ମାନଙ୍କ ମଧ୍ୟରୁ କେବଳ ଜଣେ ବ୍ୟକ୍ତି ରାଜ୍ୟସରକାରଙ୍କ ଦ୍ୱାରା ନିଯୁକ୍ତ ହେବେ ।

xx xx xx xx

ଅପ୍ରାଧିକୃତ ଉନ୍ନୟନର ଅପସାରଣ ।

91. (1) ଯଦି ଉନ୍ନୟନ ଯୋଜନାର ଉଲ୍ଲଂଘନ କରି ବା ଧାରା 15ରେ ସୂଚୀତ ଅନୁମତି, ଅନୁମୋଦନ ବା ମଂଜୁରି ବିନା ବା ଯେଉଁ ସର୍ତ୍ତାବଳୀର ସାପେକ୍ଷତାରେ ସେପରି ଅନୁମତି,ଅନୁମୋଦନ ବା ମଂଜୁରି ଦିଆଯାଇଥିବ ତାହାର ଉଲ୍ଲଂଘନକରି ବା ଧରା124ର ଉପଧାରା(2)ର ଖଣ୍ଡ(ଖ-1) ଅନୁଯାୟୀ ଧାରା 15ରେ ସୂଚୀତ ହେବା ମତେ କୌଣସି ଉଲ୍ଲଂଘନ, ଯାହାକି ବିନା ଅନୁମତିରେ ସଂପୂର୍ଣ କରାଯାଇଛି ବୋଲି ବିବେଚିତ ହେଉଥିବ ତେବେ, ଏତଦ୍ଦୁପଲକ୍ଷେ ପ୍ରାଧିକାରୀଙ୍କ ଦ୍ୱାରା କ୍ଷମତାପନ୍ନ କୌଣସି ଅଧିକାରୀ ଏହି ଅଧିନିୟମ ଅନୁଯାୟୀ କରାଯାଇପାରୁଥିବା କୌଣସି ଅଭିଯୋଜନ ଦାଏର କରିବା ବାହାରେ ଏକ ଆଦେଶଦେଇ ନିର୍ଦ୍ଦେଶ ଦେଇପାରିବେଯେ ତାହାର ମାଲିକ ବା ଯେଉଁ ବ୍ୟକ୍ତିଙ୍କ କଥାରେ ସେପରି ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇଛି ବା କରାଯାଉଛି ବା ସଂପୂର୍ଣ ହୋଇଛି, ସେହି ବ୍ୟକ୍ତି, ଯେଉଁ ତାରିଖରେ ଅପସାରଣ ଆଦେଶର ଏକ ନକଲ ସହିତ ତାହାର କାରଣଗୁଡ଼ିକର ଏକ ସଂକ୍ଷିପ୍ତ ବିବରଣୀ ପାଇବେ ସେହି ତାରିଖରୁ ଅନ୍ୟୁନ ପାଞ୍ଚଦିନ ଓ ଅନଧିକ ପନ୍ଦରଦିନ କାଳାବଧି ମଧ୍ୟରେ ତାହା ଭାଙ୍ଗି ଅପସାରଣ କରି, ସମତଳକରି ବା ଅନ୍ୟଥା ଅପସାରଣ କରିବେ ଓ ସେ ଯଦି ତାହା ପାଳନ କରିବାରେ ବିଫଳ ହୁଅନ୍ତି ତେବେ ପ୍ରାଧିକାରୀ ସେହି ଉନ୍ନୟନ ଅପସାରଣ କରିପାରିବେ ବା କରାଇପାରିବେ ଓ ସେପରି ଅପସାରଣ କରିବା ବେଳେ ଯାହା ଖର୍ଚ୍ଚ ହେବ ତାହା ମାଲିକଙ୍କଠାରୁ ବା ଯାହାଙ୍କ କଥାରେ ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇଥିବ ବା କରାଯାଉଥିବ ବା ସଂପୂର୍ଣ ହୋଇଥିବ ତାହାଙ୍କଠାରୁ ବକେୟା ଭୂରାଜସ୍ୱଭାବେ ଆଦାୟକରାଯିବ:

ପରନ୍ତୁ ସେପରି ଆଦେଶ କାହିଁକି ଦିଆଯିବ ନାହିଁ ତାହାର କାରଣ ଦର୍ଶାଇବାକୁ ମାଲିକ ବା ସଂପୃକ୍ତ ବ୍ୟକ୍ତିଙ୍କୁ ଯୁକ୍ତି ଯୁକ୍ତ ସୁଯୋଗ ନଦେଇ ସେପରି ଆଦେଶ ଦିଆଯିବନାହିଁ ।

ଅପ୍ରାଧିକୃତ ଉନ୍ନୟନ ବନ୍ଦ କରିବା କ୍ଷମତା ।

92. (1) xx xx xx xx
xx xx xx xx

(2)ଉପଧାରା(1) ଅନୁଯାୟୀ ଆଦେଶର ଅନୁସରଣ କ୍ରମେ ଯଦି ସେପରି ଉନ୍ନୟନ କାର୍ଯ୍ୟ ବନ୍ଦ ନହୁଏ ତେବେ ପ୍ରାଧିକାରୀ ବା ଯଥାସ୍ଥିତି ଅଧିକାରୀ, ଯେଉଁବ୍ୟକ୍ତି ଉନ୍ନୟନ କାର୍ଯ୍ୟ ଆରମ୍ଭ କରିଛନ୍ତି ତାହାଙ୍କୁ ବା ତାହାଙ୍କ ସମସ୍ତ ସହାୟକ ଓ ଶ୍ରମଜୀବୀମାନଙ୍କୁ ଉନ୍ନୟନ କାର୍ଯ୍ୟ ସ୍ଥାନରୁ ବରାଦରେ ବିନିର୍ଦ୍ଦିଷ୍ଟ ହେବା ମତେ ସେପରି ସମୟ ମଧ୍ୟରେ ବାହାର କରିଦେବାଙ୍କୁ ପୋଲିସ ଅଧିକାରୀଙ୍କୁ କହିପାରିବେ ଓ ସେପରି ପୋଲିସ ଅଧିକାରୀ ତଦନୁସାରେ ବରାଦକୁ ପାଳନ କରିବେ ।

XX XX XX XX

ପ୍ରାଧିକାରୀଙ୍କ ଦେୟର ଅସୁଲର ପ୍ରକାର ।

102 ଫିସ ବା ଚାର୍ଜ ବାବଦରେ ବା ଭୂମି, ବିଲ୍ଡିଂ ବା ଅସ୍ଥାବର ବା ସ୍ଥାବର ଅନ୍ୟାନ୍ୟ ସଂପତ୍ତିର ବିକ୍ରୟ ବା ଭଡା ବା ଲାଭ ଆକାରରେ ବା ହିତାଧିକାରୀଙ୍କ ସହିତ ନିଷ୍ପାଦିତ କୌଣସି ରାଜିନାମା ଅନୁସାରେ ପ୍ରାଧିକାରୀଙ୍କୁ ଦେୟ କୌଣସି ଅର୍ଥ, ଏହି ଅଧିନିୟମର ଅନ୍ୟକୌଣସି ବ୍ୟବସ୍ଥାରେ ଯଦି ସ୍ପଷ୍ଟରୂପେ ଉଲ୍ଲେଖ ନାହିଁ ତେବେ ତାହା ବକେୟା ଭୂରାଜସ୍ୱ ଭାବେ ପ୍ରାଧିକାରୀଙ୍କ ଦ୍ୱାରା ଅସୁଲଯୋଗ୍ୟ ହେବ ।

XX XX XX XX

ଭାରନ୍ୟସ୍ତ କ୍ଷମତା ।

111 (1) ପ୍ରାଧିକାରୀ, ଅଧିସୂଚନାଦ୍ୱାରା, ନିର୍ଦ୍ଦେଶ ଦେଇପାରିବେଯେ, ବିନିୟମାବଳୀ ପ୍ରଣୟନ କରିବା କ୍ଷମତା ବ୍ୟତୀତ ଏହି ଅଧିନିୟମ ଅନୁଯାୟୀ ତାଙ୍କ ଦ୍ୱାରା ପ୍ରୟୋଗଯୋଗ୍ୟ କୌଣସି କ୍ଷମତା ତହିଁରେ ବିନିର୍ଦ୍ଦିଷ୍ଟ ହେବାମତେ ସେପରି କ୍ଷେତ୍ରରେ ଓ ସେପରି ସର୍ତ୍ତାବଳୀ ଯଦିଥାଏ, ତେବେ, ତାହାର ସାପେକ୍ଷତାରେ ତହିଁରେ ଉଲ୍ଲିଖିତ ହେବାମତେ ସେପରି ଅଧିକାରୀ ବା ସ୍ଥାନୀୟ ପ୍ରାଧିକାରୀ ବା ଧାରା 6 ଅନୁଯାୟୀ ଗଠିତ କମିଟି ମଧ୍ୟ ପ୍ରୟୋଗ କରିପାରିବେ ।

(2) ରାଜ୍ୟସରକାର, ଅଧିସୂଚନା ଦ୍ୱାରା, ନିର୍ଦ୍ଦେଶ ଦେଇପାରିବେ ଯେ, ନିୟମାବଳୀ ପ୍ରଣୟନ କରିବା କ୍ଷମତା ବ୍ୟତୀତ ଏହି ଅଧିନିୟମ ଅନୁଯାୟୀ ତାଙ୍କ ଦ୍ୱାରା ପ୍ରୟୋଗଯୋଗ୍ୟ କୌଣସି କ୍ଷମତା, ତହିଁରେ ବିନିର୍ଦ୍ଦିଷ୍ଟ ହେବା ମତେ ସେପରି କ୍ଷେତ୍ରରେ ଓ ସେପରି ସର୍ତ୍ତାବଳୀ ଯଦି

ଥାଏ, ତେବେ ତାହାର ସାପେକ୍ଷତାରେ ତହିଁରେ ଉଲିଖିତ ସେପରି ଅଧିକାରୀଙ୍କ ଦ୍ଵାରା ମଧ ପ୍ରୟୋଗ କରାଯାଇପାରିବ ।

XX XX XX XX

ବିନିୟମାବଳୀ ପ୍ରଣୟନ କରିବାକୁ ପ୍ରାଧିକାରୀଙ୍କ କ୍ଷମତା ।

124 (1) XX XX XX XX

(2)ନିର୍ଦ୍ଦିଷ୍ଟଭାବେ ଓ ପୂର୍ବବର୍ତ୍ତୀ କ୍ଷମତାର ବ୍ୟାପକତା ପ୍ରତି କୌଣସି ପ୍ରତିକୂଳ ପ୍ରଭାବ ନପକାଇ ସେପରି ବିନିୟମାବଳୀରେ ବ୍ୟବସ୍ଥା ରହିବ

(i) XX XX XX XX

XX XX XX XX

(xxii)ଅନ୍ୟକୌଣସି ବିଷୟ ଯାହା ବିନିୟମାବଳୀ ଦ୍ଵାରା ବିହିତହେବ ବା ହୋଇପାରେ, ।

XX XX XX XX